## ଆଜି କ'ଣ କେଉଁଠି

ଭଦ୍ରକ

▸ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

▸ସମାଜ ମଙ୍ଗଳ ବିଭାଗୀୟ କ୍ଷେତ୍ର କର୍ମଚାରୀମାନଙ୍କ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା ୩୦।

## ସଂକ୍ଷେପରେ

### ୧୦ରେ ଶ୍ରମିକ ଆନ୍ଦୋଳନ

**ଭଦ୍ରକ ଅଫିସ, ୪।୭:** କେନ୍ଦ୍ର ଓ ରାଜ୍ୟ ରକାର ଶ୍ରମଜୀବୀ ଏବଂ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବିକୁ ବାରମ୍ବାର ଉପେକ୍ଷିତ କରିଆସିଛନ୍ତି। ସେମାନଙ୍କୁ ସରକାରୀ ସ୍ତରରେ ଅଣଦେଖା କରାଯାଇଆସୁଛି। ଫଳରେ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏଣୁ ଆସନ୍ତା ୧୦ ତାରିଖରେ ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଅଚଳ କରିବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣତାନ୍ତ୍ରିକ ଉପାୟରେ ହଜାର ହଜାର ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଭଦ୍ରକ ଜିଲା ଶ୍ରମିକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ଜଗନ୍ନାଥପୁର ଏଆଇସିସିଟିୟୁ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ଶଙ୍ଖୁଆ ଏଥିରେ ସଭାପତିତ୍ୱ କରିଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନର ପ୍ରତିନିଧି ଭାବେ ନାରାୟଣ ନାୟକ, ଶ୍ରମିକନେତା ସମର ବଳ, ମୁକ୍ତିକାନ୍ତ ସାହୁ, ମନୋଜ କୁମାର ବସନ୍ତରାୟ, ଅମିୟ ନାୟକ, ଦେବେନ୍ଦ୍ର ବସନ୍ତିଆ, ବୃନ୍ଦାବନ ବାରିକ, କିରଣମୟୀ ସାହୁ, ପ୍ରତାପ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଶ୍ରମିକମାରଣ ନୀତିକୁ ତୀବ୍ର ନିନ୍ଦା କରିଥିଲେ।

### ନାବାଳିକାଙ୍କ ଆତ୍ମହତ୍ୟା

**ଧାମନଗର, ୪।୭ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖଡ଼ିପଦା ପଞ୍ଚାୟତ ଦକ୍ଷିଣ କୋରୁଆ ଗ୍ରାମର ସୁଭଦ୍ରା ପାଣିଗ୍ରାହୀ ନାମ୍ନୀ ଜଣେ ନାବାଳିକା ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଏ ନେଇ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ କରାଯାଇଛି। ଏଏସ୍ଆଇ ସୁରେନ୍ଦ୍ର କୁମାର ମଲ୍ଲ ଘଟଣାର ତଦନ୍ତ କରିଛନ୍ତି। ମୃତା ସୁଭଦ୍ରାଙ୍କ ମା'ଙ୍କ ଅଭିଯୋଗ ଅନୁସାରେ ମାଟ୍ରିକ୍ ପରୀକ୍ଷାରେ କମ୍ ନମ୍ବର ରଖିଥିବାରୁ ସେ ସବୁବେଳେ ଚିନ୍ତାଗ୍ରସ୍ତ ରହୁଥିଲେ। ଏହି କାରଣରୁ ତାଙ୍କ ଶାଢ଼ିକୁ ନେଇ ସୁଭଦ୍ରା ନିଜ ଶୋଇବା ଘରେ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଦର୍ଶାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଶିକ୍ଷକଙ୍କ ପକ୍ଷରୁ ରିଲିଫ ପାଣ୍ଠିକୁ ସହାୟତା

**ଭଣ୍ଡାରିପୋଖରୀ, ୪।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ପରମାନନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨,୭୦୦ ଟଙ୍କା ପ୍ରଦାନ କରାଯାଇଛି। ସାଧନକେନ୍ଦ୍ର ସଂଯୋଜକ ଉମାକାନ୍ତ ସାହୁ ଏହି ଟଙ୍କା ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କୁ ବୁଧବାର ପ୍ରଦାନ କରିଥିଲେ। ସଂଯୋଜକ ସାହୁଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଜିଲାରେ ଗଡ଼ିଲା ୧୩୪ ରଥ, ସବୁଠି ଲୋକାରଣ୍ୟ

**ଭଦ୍ରକ ଅଫିସ, ୪।୭**

ଭଦ୍ରକ ଜିଲାରେ ରଥଯାତ୍ରାରେ ୧୩୪ ରଥ ଗଡ଼ିଛି। ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଜିଲାରେ ବିଭିନ୍ନ ଥାନା ପୋଲିସ ବ୍ୟତୀତ ୭ ପ୍ଲାଟୁନ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଥିଲା। ଟାଉନ ଥାନା ଅଧୀନରେ ୧୪, ଗ୍ରାମାଞ୍ଚଳ ଥାନା ଅଧୀନରେ ୧୮, ପୁରୁଣାବଜାରରେ ୫, ତିହିଡ଼ିରେ ୧୧, ଧାମଗନରରେ ୧୫, ବାଁଶଡ଼ାରେ ୭, ଚାନ୍ଦବାଲିରେ ୧୩, ବନ୍ତରେ ୬, ଆଗରାପଡ଼ାରେ ୪, ନାୟକାଣିଡିହୀରେ ୫, ଧୂଷୁରୀରେ ୧୭, ବାସୁଦେବପୁରରେ ୬ ଓ ଭଣ୍ଡାରିପୋଖରୀରେ ୧୩ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାର ପୁରପଲ୍ଲୀରେ ରଥଟଣା ଯାଇଥିଲା। ଭଦ୍ରକ ଉପକାରାଗାର ମହିଳା ଓ ପୁରୁଷ କାରାବନ୍ଦୀଙ୍କୁ ନେଇ ଜେଲ ପରିସରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ଜେଲ ପରିସର ଅସ୍ଥାୟୀ ମନ୍ଦିରରୁ ମାଉସୀମା ଘର ପର୍ଯ୍ୟନ୍ତ ବନ୍ଦୀମାନେ ରଥକୁ ଟାଣି ନେଇଥିଲେ। ସେହିପରି ଭଦ୍ରକ ସହରର କୁଆଁସ, ସନ୍ଥିଆ, ନୂଆବଜାର, ଗରଦପୁର ଅଞ୍ଚଳରେ ଛୋଟବଡ଼ ରଥଟଣା ଯାଇଥିଲା। ସବୁଠି ଲୋକାରଣ୍ୟ ହୋଇଥିଲା। ପୌରାଞ୍ଚଳ ସାଳନ୍ଦୀ ବାଇପାସ୍ ରଥଯାତ୍ରା ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଚରମ୍ପା ବରାଳପୋଖରୀ ଅନ୍ତର୍ଗତ ଡଗରାସାହିରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୁଣ୍ଡୁଣିଆ ବଜାର ଦଧିବାମନ ଜୀଉ ଜଗନ୍ନାଥ ମନ୍ଦିରର ରଥଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁରିସ୍ଥିତ ବଳଦେବଜୀଉ ମନ୍ଦିରରେ ରୀତିନୀତି ଅନୁଯାୟୀ ରଥଯାତ୍ରା କରାଯାଇଥିଲା। ଗୁହାଳିଆ ଗ୍ରାମଠାରେ ରଥରେ ରତ୍ନାକର ରାଉତ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି କୁରିଗାଁ, ରହଣିଆ, ମାଳଦା, ପିରିପୁର, ଭଣ୍ଡାରିପୋଖରୀ, ହାଟଡିହ, ପାଟୁଳି, ଆଖୁଆପଦା, ସାନବନସ୍ତା, କୋଟସିରା, ବଡବନସ୍ତା, ଶଙ୍ଖୁଳା, ମଞ୍ଜୁରିରୋଡ, ସାତଶୋଳା, ବୟାଁବନାପୁର, ମଜୁରିଗଡିଆ ସମେତ ୨୦ଟି ସ୍ଥାନରେ ରଥ ଟଣା ଯାଇଥିଲା। ସେହିପରି ଐତିହାସିକ କ୍ଷେତ୍ର ଗୋହିରାଟିକିରିଠାରେ ମଠର ମହନ୍ତ ବୀରଭଦ୍ର ଦାସଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ରଥଯାତ୍ରାରେ ଭଣ୍ଡାରିପୋଖରୀ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା।

## ପଦ୍ମପୁର

ବାସୁଦେବପୁର ବ୍ଲକର ଏଡ଼ତାଳର ପାବନକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅପରାହ୍ନ ୩ ଟାରେ ଠାକୁର ପହଣ୍ଡିରେ ରଥରେ ବିଜେ କରିଥିଲେ। ଡା. ସରୋଜ କୁମାର ପଲେଇ ପାରମ୍ପାରିକ ରୀତିରେ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଘଣ୍ଟଘଣ୍ଟା, ଢୋଲ, ଶଙ୍ଖ ଧ୍ୱନି ସହ ଜଗନ୍ନାଥଙ୍କ ରଥକୁ ଭକ୍ତମାନେ ଟାଣି ଉରୁଣିଆସ୍ଥିତ ମାଉସୀମା ମନ୍ଦିରକୁ ନେଇଥିଲେ। ଜଗନ୍ନାଥପ୍ରସାଦ ପଞ୍ଚାୟତର ମିଶ୍ରପୁରଠାରେ ଜଗନ୍ନାଥଙ୍କ ରଥରେ ପୂର୍ବତନ ସରପଞ୍ଚ ଭାଗୀରଥି ବଳ ଛେରାପହଁରା କରିଥିଲେ। ଏହାପରେ ପୂଜାର୍ଚ୍ଚନା କରାଯାଇ ରଥକୁ ଟାଣି ଟାଣି ହତାଶିଆଠାରେ ଥିବା ମାଉସୀମା ମନ୍ଦିରକୁ ନିଆଯାଇଥିଲା। ସ୍ଥାନୀୟ ବାଲିମେଦ, ଲକ୍ଷ୍ମୀଦାସପୁର, ପଦ୍ମପୁର, ସୁଗୋ, ଏଡତାଳ, ଲୁଙ୍ଗା, ବ୍ରାହ୍ମଣୀଗାଁ, ରାଜଘରପୋଖରୀ ଅଞ୍ଚଳରେ ରଥଟଣା ହୋଇଥିଲା।

## ବନ୍ତ

ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଥା ଅନୁଯାୟୀ ରଥଟଣା ଓ ଅନ୍ୟାନ୍ୟ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ପ୍ରାୟ ୩ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ତ ସଦରମହକୁମାସ୍ଥିତ ପୁରୁଣାବଜାରଠାରେ ସ୍ୱର୍ଗତ ଗୁଣନିଧି ପଣ୍ଡାଙ୍କ ପୂର୍ବ ବଂଶଜଙ୍କ ଦ୍ୱାରା ନିର୍ମିତ ଜଗନ୍ନାଥ ମନ୍ଦିରରେ ଚଳିତବର୍ଷ ମଧ୍ୟ ପୂଜା କରାଯାଇଥିଲା। ଅପରାହ୍ନରେ ମନ୍ଦିରର ତିନିଠାକୁରଙ୍କୁ ଯଥାରୀତି ପୂଜାର୍ଚ୍ଚନା କରାଯାଇ ତ୍ରିଲୋଚନ ପଣ୍ଡାଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା। ପରେ ତିନି ଦିଅଁଙ୍କୁ ରଥାରୁଢ଼ କରାଯାଇ ରଥ ଟଣା ଯାଇଥିଲା। ବନ୍ତ ଥାନା ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଇନଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ନିଳୋକଣ୍ଠିତ ଜଗନ୍ନାଥ ମନ୍ଦିରରେ ଈଶ୍ୱର ଚନ୍ଦ୍ର ପ୍ରଧାନ ଛେରାପହଁରା କରିଥିଲେ। ଏହାପରେ ଶତାଧିକ ଭକ୍ତ ରଥ ଟାଣିଥିଲେ। ନିମାପଡ଼ାସ୍ଥିତ କପାଳୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ଘରପଦା, କୁମ୍ଭାରିଆ, ଫୁଲଗଡିଆ, ଗୋବିନ୍ଦପୁର, ଅଣ୍ଡିଆ, ତରାଗୋ, ଏରେଣ୍ଡେଇ, ଓଡଙ୍ଗ, ଆମ୍ପୋର, ରାମକୃଷ୍ଣପୁର ସମେତ ବିଭିନ୍ନ ସ୍ଥାନରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି।

ସେହିପରି ଆଗରପଡ଼ାରେ ପରମ୍ପରା ଅନୁସାରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଟାରେ ଠାକୁର ରାଜାକିଶୋରୀ ମୋହନ ସିଂହ ରଥରେ ଛେରାପହଁରା କରିବା ପରେ ସେବାୟତମାନଙ୍କ ଦ୍ୱାରା ୩ ଦିଅଁଙ୍କୁ ପହଣ୍ଡିରେ ଅଣାଯାଇ ରଥାରୁଢ଼ କରାଯାଇଥିଲା। ଅପରାହ୍ନ ୫ଟା ବେଳକୁ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥ ଟାଣି ଟାଣି ନେଇ କର୍ମ ମନ୍ଦିର ସ୍ଥିତ ମାଉସୀମା ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଏହି ରଥଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଆଗରପଡ଼ା ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ନିମପଡା, କୁଆଁର୍ଦ୍ଧା ଓ ଅଣିଜୋଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ା ଅଞ୍ଚଳର ସମସ୍ତ ଗ୍ରାମ୍ୟ ରାସ୍ତାରେ ଛୋଟ ପିଲାମାନେ ରଥ ପ୍ରସ୍ତୁତ କରି ଟାଣିଥିଲେ।

## ଆରଡ଼ି

ଶୈବପୀଠ ଆରଡ଼ି ସମେତ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆରଡ଼ିରେ ଥିବା ଜଗନ୍ନାଥ ମନ୍ଦିରରେ ଦିନତମାମ ପୂଜାର୍ଚ୍ଚନା କରାଯାଇଥିଲା। ଶହ ଶହ ଭକ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ତପନ କୁମାର ପାଢୀଙ୍କ ସହାୟତାରେ ଏଠାରେ ପୂଜାବିଧି ସମ୍ପନ୍ନ ହୋଇଥିଲା। ଆରଡ଼ି ସନ୍ନିକଟ ଭୂଇଁପୁରରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରାହ୍ନରେ ତିନିଠାକୁରଙ୍କୁ ଭକ୍ତମାନେ ଟାଣି ଟାଣି ମାଉସୀମା ମନ୍ଦିରକୁ ନେଇଥିଲେ। ଢୋଲ, ମହୁରୀ, ଯୋଡ଼ିଶଙ୍ଖ, ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଳିରେ ଭକ୍ତମାନେ ଭକ୍ତି ଚିତ୍ତରେ ରଥଟଣାରେ ସାମିଲ ହୋଇଥିଲେ। ଆରଡ଼ିରେ ସତ୍ୟବ୍ରତ ପାଢୀ, କୁଳେଇପଦାରେ ବାଇଧର ବିଶ୍ୱାଳ, ଓଳଗରେ ନାରାୟଣ ଜେନାଙ୍କ ସହଯୋଗରେ ତିନି ଗ୍ରାମର ଗ୍ରାମବାସୀ ୩ଟି ପୃଥକ୍ ସୁସଜ୍ଜିତ ରଥକୁ ସନ୍ଧ୍ୟାରେ ମାଉସୀମା ମନ୍ଦିରରେ ପହଞ୍ଚାଇଥିଲେ। ଧାମନଗର ବ୍ଲକର ରଇପୁର ଓ ସାହୁସାହିରେ ମଧ୍ୟ ମହାଆଡ଼ମ୍ବରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ସବୁଠି ଘୋଷଯାତ୍ରାରେ ଆବାଳବୃଦ୍ଧ ବନିତା ରଥଟଣାରେ ନିଜକୁ ସାମିଲ କରିଥିଲେ।

ଭଦ୍ରକ ପୌରାଞ୍ଚଳ ଅଧୀନ କୁଆଁସ ଜଗନ୍ନାଥ ମନ୍ଦିରରେ ଚଳିତବର୍ଷ ନୂଆକରି ରଥଟଣା ନୀତି ଆରମ୍ଭ ହୋଇଛି। ଏଠି ଦୀର୍ଘବର୍ଷ ଧରି ମନ୍ଦିର ଅଛି। କିନ୍ତୁ ରଥଟଣା ହେଉ ନ ଥିଲା। ଚଳିତବର୍ଷ ୩ ଠାକୁରଙ୍କ ପ୍ରତିମା ବିଜେ କରାଯାଇ କୁଆଁସ

### ପ୍ରଥମ ଥର ପାଇଁ ହେଲା ରଥଟଣା

ଦାଣ୍ଡରେ ରଥଟଣା ହୋଇଥିଲା। ଉଲ୍ଲେଖନୀୟ ଯେ, ସ୍ଥାନୀୟ ଜଣେ ବ୍ୟକ୍ତି ଆମେରିକାରେ ରହି ବୈଷ୍ଣବ ଧର୍ମ ଅବଲମ୍ବନ କରି ୧୯୯୫ରେ କୁଆଁସ ଅଞ୍ଚଳରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେବେଠାରୁ ପୂଜାନୀତି ହୋଇଆସୁଥିଲା।


ଭଦ୍ରକ କୁଆଁସରେ ରଥଟଣା।


ଭଦ୍ରକ ବାଇପାସରେ ରଥ ଆଗରେ ମହିଳାଙ୍କ ନୃତ୍ୟ।


ରଥ ଉପରେ ତିନିଠାକୁର।

# ମାଉସୀମା ବାଡ଼ିରେ ୩ ଦିଅଁ

**ଧାମନଗର, ୪।୭ (ଡି.ଏନ.ଏ.)**

ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ରଥଟଣା ଶେଷ ହୋଇଛି। ପାଗ ଅନୁକୂଳ ରହିଥିଲା। ରଥଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଧୂଷୁରୀ ଏବଂ ଧାମନଗର ଥାନା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ତେବେ ରଥଟଣା ସମୟରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ସର୍ବପୁରାତନ ନଦୀଗାଁରେ ରଥରେ ତିନିଠାକୁର ପହଣ୍ଡି ହୋଇ ରଥାରୁଢ ହେବା ପରେ ମାଉସୀମା ମନ୍ଦିରକୁ ଯାଇଥିଲେ। ସେହିପରି ଧୂଷୁରୀ ବଜାର ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ତିନିଠାକୁର ରଥାରୁଢ ହୋଇ ରଥାଟଣା ଯାଇଥିଲା। ଜଗନ୍ନାଥସାହିରେ ସ୍ୱତନ୍ତ୍ର ଭାବେ ତିନି ରଥରେ ଠାକୁର ପହଣ୍ଡି ହୋଇ ରଥଟଣା ଯାଇଥିଲା। ଅସୁରାଳିରେ ସୁସଜ୍ଜିତ ଦୁଇ ରଥକୁ ଟଣାଯାଇ ଉଚ୍ଚପଦାସ୍ଥିତ ମାଉସୀମା ବାଡ଼ିକୁ ନିଆଯାଇଛି। ସେହିପରି ଧାମନଗର, ଦକ୍ଷିଣବାଡ଼, ତାଳପଦା, ଦୋବଲ, ଆନନ୍ଦପୁର, ଜାହାଙ୍ଗିର, ଚୂଡାକୁଟି, ଶହୀଦନଗର, ବାହାରବିଲ, କୋଠାର ଓ ଫତେପୁର ଆଦି ସ୍ଥାନରେ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି।


ଅସୁରାଳି ବଜାର ରଥଯାତ୍ରା।

# ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲେ ଚତୁର୍ଦ୍ଧାମୂର୍ତ୍ତି

▪ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା କ୍ଷେତ୍ର
▪ମହିଳା ଟାଣିଲେ ଦେବଦଳନ

**ତିହିଡ଼ି, ୪।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ସଦର ବ୍ଲକ କେଶପୁରସ୍ଥିତ ହରିବୋଲ କ୍ଷେତ୍ରରେ ଗୁରୁବାର ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁଙ୍କ ଶଙ୍ଖ, ହୁଳହୁଳି, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଘଣ୍ଟ, ମୃଦଙ୍ଗ, କାହାଳୀ ଓ ଭକ୍ତଙ୍କ ଧ୍ୱନିରେ କ୍ଷେତ୍ର କମ୍ପି ଉଠିଥିଲା। ସକାଳ ୬ ଟାରେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା କରାଯାଇଥିଲା। ୭ଟାରେ ରଥ ସଂସ୍କାର ଓ ଧ୍ୱଜାରୋପଣ ପରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ କରାଯାଇଥିଲା। ଏହାପରେ ଶ୍ରୀଜୀଉମାନଙ୍କର ସ୍ନାନ ଓ ପୂଜନ କରାଯାଇଥିଲା। ପୂର୍ବାହ୍ନ ୧୧ଟା ବେଳେ ମହାସୁଦର୍ଶନଙ୍କ ପହଣ୍ଡି ବିଜେ କରାଯାଇ ଦେବଦଳନ ରଥରେ ରଖାଯାଇଥିଲା। ପରେ ଶ୍ରୀବଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାଶଙ୍କୁ ଶୋଭାଯାତ୍ରାରେ ରଥ ପର୍ଯ୍ୟନ୍ତ ନିଆଯାଇଥିଲା। ସେ ୩ ରଥରେ ଛେରାପହଁରା କରିଥିଲେ। ପରେ ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ମୋଡ଼ସାହିସ୍ଥିତ ମାଉସୀମା ମନ୍ଦିରକୁ ରଥଟଣା ହୋଇଥିଲା। ମହିଳାମାନେ ସୁଭଦ୍ରାଙ୍କ ଦେବଦଳନ ରଥକୁ ଟାଣିଥିଲେ। ରଥ ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ଶ୍ରୀଧର ପ୍ରହାଣ, ସନ୍ତୋଷ ନାୟକ, ସରୋଜ କୁମାର ପଣ୍ଡା, ଚନ୍ଦ୍ରକାନ୍ତ ବେହେରା, ପତିତପାବନ ପଣ୍ଡା, ବିଷ୍ଣୁମୋହନ ସେଠୀ ଏବଂ ମାଉସୀମା ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ରବିନାରାୟଣ ସାମଲ, ସନାତନ ଜେନା ପ୍ରମୁଖ ପରିଚାଳନା କରିଥିଲେ। ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର, ଅଗ୍ନିଶମ ଓ ଜଳ ପରିମଳ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା। ସେହିପରି ତିହିଡ଼ି ବ୍ଲକର ପୀରହାଟ, ଚାରିଡରଫ, ମଙ୍ଗରାଜପୁର, ମୂଷାଙ୍ଗ, କୋଲ୍ହ, ତାଳପଦା, କାଳିମେଘା, ନୂଆନନ୍ଦ ଆଦି ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।


ନନ୍ଦିଘୋଷ ରଥରେ ଜିଲାପାଳ ଛେରାପହଁରା କରୁଛନ୍ତି।

▪ ମିସେସ୍ କୁଇନ୍ ୟୁନିଭର୍ସ ପ୍ରତିମା ସମ୍ବର୍ଦ୍ଧିତ

# ଇଚ୍ଛା, ଉଦ୍ୟମ ବଳରେ ସଫଳତା ମିଳିଥାଏ

**ଭଦ୍ରକ ଅଫିସ, ୪।୭**

ଭଦ୍ରକ ସୋସିଆଲ ସର୍ଭିସ୍(ବିଏସ୍ଏସ୍) ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷ ପରିସରରେ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି ଚୈତାଳୀ ଖିଲାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ମହୋତ୍ସବ ଆବାହକ ଅଜୟ ନାୟକ ଓ ଅନ୍ୟତମ ଅତିଥି ଭାବେ ବିଏସ୍ଏସ୍ ମୁଖ୍ୟ ସଞ୍ଜିତ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ମିସେସ୍ କୁଇନ୍ ୟୁନିଭର୍ସ ବିଜେତା ଓଡ଼ିଆ ବୋହୂ ପ୍ରତିମା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ଜୁନ୍ ୧୬ ତାରିଖରେ ନୂଆଦିଲ୍ଲୀଠାରେ ଏମ୍ଆଇଏଚ୍ଏମ୍ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ଏହି ଟାଇଟଲ ହାସଲ କରିଛନ୍ତି। ବିଭିନ୍ନ ଦେଶରୁ ୪୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେ ଭଦ୍ରକ ଜିଲାରୁ ଏହି ଟାଇଟଲ ହାସଲ କରିଥିବାରୁ ତାଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜସ୍ୱ ଇଚ୍ଛା ଓ ଉଦ୍ୟମ ବଳରେ ସଫଳତା ମିଳିଥାଏ ବୋଲି ପ୍ରତିମା ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ପ୍ରତିମା ଭଦ୍ରକ ପୌରାଞ୍ଚଳ ସନ୍ଥିଆ ଗ୍ରାମର ଝିଅ ଓ ବାସୁଦେବପୁର ଅଞ୍ଚଳର ବୋହୂ। ପିଲାଟି ଦିନରୁ ସ୍କୁଲ କଲେଜ ସମୟରେ ଗୀତ ଗାଇବା, ନାଚିବା, ଆକ୍ଟିଂ କରିବାରେ ତାଙ୍କର ଆଗ୍ରହ ରହିଥିଲା। ଜିଲାରେ ମଡେଲିଂ ପାଇଁ କୌଣସି ସୁବିଧା ସୁଯୋଗ ନ ଥିବାରୁ ସେ ଭୁବନେଶ୍ୱରରେ ରହି ଅଭ୍ୟାସ ଜାରି ରଖିଥିଲେ। ବିବାହ ପରେ ଭୁବନେଶ୍ୱରରେ ରହି ମଡେଲିଂରେ କ୍ୟାରିୟର ପାଇଁ ଉଦ୍ୟମ କରିଆସୁଥିଲେ। ଟୁକୁନା ସ୍ୱାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମିସେସ୍ କୁଇନ୍ ୟୁନିଭର୍ସ ବିଜେତା ପ୍ରତିମା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

▪ ଚାଷୀଙ୍କ ପାଇଁ କାଳ ନଦୀଜଳ

# ଧାନ ତଳି ଉପରେ ୨ ଫୁଟର ପାଣି

**ପଦ୍ମପୁର, ୪।୭ (ଡି.ଏନ.ଏ.)**

ବିଳମ୍ବିତ ମୌସୁମୀ ବର୍ଷା ପରେ ନଦୀ ଜଳ ଏବେ ଚାଷୀଙ୍କ ପାଇଁ କାଳ ସାଜିଛି। ଭଦ୍ରକ ବ୍ଲକ ସାହାଡ଼ା ପଞ୍ଚାୟତର ଧରମସରଣବିନ୍ଧା, ସାହାଡା ହରିପୁର, ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତର କୁସୁନବିନ୍ଧା, କାଞ୍ଜିଖିଆ, ସୁଗୋ, ପଦ୍ମପୁର ପଞ୍ଚାୟତର କପାଗଡିଆ, ସନନ୍ଦପୁର, ପଦ୍ମପୁର, ସର୍ଭରପୁର, ଏଡତାଳ ପଞ୍ଚାୟତ, ଲୁଙ୍ଗା ପଞ୍ଚାୟତର ବଡକିଆରି, ମୌଞ୍ଜୁଡି, ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର, ସୁନାଭୁଇଁ, ଡାଙ୍ଗମାଳ ଓ ବନ୍ଧସାହି ଅଞ୍ଚଳର ଚାଷୀଙ୍କ ଚାଷଜମିରେ ଧାନ ତଳି ଉପରେ ଏବେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ମୌସୁମୀ ବର୍ଷା ପରେ କଞ୍ଜୁଡି, ଧଳା ଓ ମନ୍ତେଇ ନଦୀର ଜୁଆର ଉଠି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ପାଣି ଆଉ ଦୁଇଦିନ ରହିଲେ ସମସ୍ତ ଧାନ ତଳି ପଚି ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଅନ୍ୟପକ୍ଷେ ବନ୍ୟା ଓ ଜୁଆର ଜଳକୁ ନିୟନ୍ତ୍ରଣ ପାଇଁ ମେଲକସାହିଠାରେ ନିର୍ମିତ ସ୍ଲୁଇସ୍ ଗେଟ୍‌ରେ ଝାଞ୍ଜିବୋର ଜମି ଜଳ ନିଷ୍କାସିତ ହୋଇପାରୁ ନାହିଁ ବୋଲି ପଦ୍ମପୁର ସମିତିସଭ୍ୟ ବନଜ କୁମାର ମହାପାତ୍ର କହିଛନ୍ତି। ପ୍ରତିବର୍ଷ ଏହି ସମସ୍ୟା ଯୋଗୁ ଅଞ୍ଚଳର ଚାଷୀମାନେ ବ୍ୟାପକ କ୍ଷତି ସହୁଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ନେଇ କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚାଷୀମାନଙ୍କ ପକ୍ଷରୁ ଦେବେନ୍ଦ୍ର ନାୟକ, ରମାକାନ୍ତ ବିଶ୍ୱାଳ, ବିପିନ ବିହାରୀ ମଲିକ, ରତ୍ନାକର ନାୟକ, ଜୟନ୍ତ କୁମାର ନାୟକ, ଚିନ୍ତାମଣି ବଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ପ୍ରତିକାର ନ ହେଲେ ଆନ୍ଦୋଳନ ଚେତାବନୀ


ଚାଷ ଜମିରେ ପାଣି ମାଡ଼ିଯାଇଛି।





ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଜଗନ୍ନାଥଙ୍କୁ ପହଣ୍ଡିରେ ନିଆଯାଉଛି।

# ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି

- ବାରିପଦାରେ ରଥଟଣା ଆଜି
- ରୁପା ଓ ଫୁଲ ତୁଳସୀ ବେଶରେ ଦେଲେ ଦର୍ଶନ

ବାରିପଦା ଅଫିସ,୪।୭

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁ ରଥାରୂଢ ହୋଇଛନ୍ତି। ଏଥିପାଇଁ ବଡ଼ଦାଣ୍ଡରେ ଦେଖିବାକୁ ମିଳିଥିଲା ପ୍ରବଳ ଜନସମୁଦ୍ର। ଗୁରୁବାର ସମସ୍ତ ସ୍ଥାନରେ ରଥଟଣା ହୋଇଛି। ମାତ୍ର ବାରିପଦାରେ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ରଥ ଟଣା ହେବ। ଗୁରୁବାର ସକାଳୁ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ, ଗୋପାଳବଲ୍ଲଭ, ସକାଳ ଧୂପ ସରିଥିଲା। ମା' ଅମ୍ବିକା ଠାକୁରାଣୀଙ୍କ ମନ୍ଦିରରୁ ଦାସୀ ଆଜ୍ଞାମାଳ ଆଣି ରଥ ପ୍ରଦକ୍ଷିଣ କରିବା ପରେ କଳସ ଓ ରଥ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିର ପରିଛା ଦୁର୍ଗାଚରଣ ଜିତ ବାବୁ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ନାଗରା ବାଜିବା ସହ ମନ୍ଦିର ପରିଛା ଆଜ୍ଞାମାଳ ଓ କୁଣ୍ଡରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ କରିଥିଲେ। ପରେ ପ୍ରଥମେ ମହାପ୍ରଭୁ ବଳଭଦ୍ର ୧୨ ଜଣ ପହଣ୍ଡିଆଙ୍କ ଦ୍ୱାରା ପହଣ୍ଡି ବିଜେ କରିଥିଲେ। ଟାହିଆ ହଲେଇ ଠାକୁର ରଥଖଳାରେ ପହଞ୍ଚିବା ପରେ ନନ୍ଦିଘୋଷ ଓ ଦର୍ପଦଳନ ରଥ ମଧ୍ୟଭାଗରେ ମହାପ୍ରଭୁଙ୍କ ଉତ୍ତରାମୁଖୀ ଓ ବାଟ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜା ନୀତିରେ ଠାକୁରଙ୍କୁ ଛେନା ଓ ମିଠାଇ ଲାଗି କରାଯାଇଥାଏ। ପରେ କର୍ପୁର ଆଳତି ସହ ବିଭିନ୍ନ ନୀତି କରାଯାଇ ମହାପ୍ରଭୁଙ୍କୁ ରଥାରୂଢ଼ କରାଯାଇଥିଲା। ଦ୍ୱିତୀୟରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ପହଣ୍ଡି ହୋଇଥିଲା। ଦେବୀ ସୁଭଦ୍ରାଙ୍କୁ ୩ ଜଣ ଓ ସୁଦର୍ଶନ ଠାକୁରଙ୍କୁ ଜଣେ ପହଣ୍ଡିଆ ପହଣ୍ଡି ବିଜେ କରାଇଥିଲେ। ପରେ ବିଭିନ୍ନ ପ୍ରକାର ନୀତି କରାଯାଇ ଦେବୀ ସୁଭଦ୍ରା ଓ ଠାକୁର ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ବିଜେ କରିଥିଲେ। ରଥାରୂଢ଼ ମହାପ୍ରଭୁମାନଙ୍କୁ ରୁପା ଅଳଙ୍କାର ଓ ଲୁଗା ଲାଗି କରାଯାଇଥିଲା। ଏହା ପରେ ଠାକୁର ରୁପା ଓ ଫୁଲ ତୁଳସୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପହଣ୍ଡି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସାମିଲ ହୋଇଥିଲେ । ସେହିପରି ଜିଲାପାଳ ବିନୀତ ଭରଦ୍ୱାଜ, ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ଓ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଏଏସ୍‌ପି ଜୟରାମ ଶତପଥୀ, ସଦର ଏସ୍‌ଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

## ସଂକ୍ଷେପରେ

### ବିହନ ବଣ୍ଟନ କାର୍ଯ୍ୟକ୍ରମ

କପ୍ତିପଦା, ୪।୭(ଡ଼ି.ଏନ୍.ଏ.)-କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଈପୁରସ୍ଥିତ ଅନ୍ତ୍ୟୋଦୟ ଚେତନା ମଣ୍ଡଳୀ, କପ୍ତିପଦା ଶାଖା ସହଯୋଗରେ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ଓଡ଼ିଶା ଶାଖା ପକ୍ଷରୁ ଖରିଫ ଧାନ ଚାଷ ପାଇଁ ଏକ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ଏସିଏମ୍ ଶାଖା ସଂଯୋଜକ ପୀତାମ୍ବର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଆଇଆର୍‌ଆର୍‌ଆଇ ଓଡ଼ିଶା ଶାଖାର ଟେକ୍‌ନିକାଲ ଆସିଷ୍ଟାଣ୍ଟ ରବୀନ୍ଦ୍ର ମହାରଣା, କପ୍ତିପଦା ସହକାରୀ କୃଷି ଅଧିକାରୀ ବିଭୁ ପ୍ରସାଦ ଦତ୍ତ ଯୋଗଦେଇ ଆଇଆର୍‌ଆର୍‌ଆଇ ଦ୍ୱାରା ପ୍ରଦତ୍ତ ବିହନର ଉପଯୋଗିତା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି କର୍ମଚାରୀ ଦେବେନ୍ଦ୍ର ସିଂ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ଲାବଣ୍ୟଦେଈପୁର, ନୋଟ ଏବଂ ଶରତ ପଞ୍ଚାୟତର ୬୦ ଚାଷୀଙ୍କୁ ମରୁଡ଼ି ସହନୀୟ ଧାନ ବିହନ ଯଥା ବୀଣା-୧୧, ସହଭାଗୀ ଓଡ଼ିଆର୍ ୪୪ ବଣ୍ଟନ କରାଯାଇଥିଲା। ଏହି ୩ଟି ପଞ୍ଚାୟତର ୧୭୫ ଏକର ଜମିରେ ଚଳିତ ବର୍ଷ ଖରିଫ ଚାଷ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଶେଷରେ ଏସିଏମ୍‌ର କର୍ମୀ ସିଦ୍ଧେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ

ବଡ଼ସାହି,୪।୭ (ସ୍ୱ.ପ୍ର)- ବଡ଼ସାହି ବ୍ଲକ ଅଧୀନ ମାଣଡ୍ରୀ ଭାଜପା ମଣ୍ଡଳସ୍ତରୀୟ ସଦସ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ମାଣଡ୍ରୀ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅଭୟ କୁମାର ମହାପାତ୍ରଙ୍କ ଆହ୍ୱାନ କ୍ରମେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶି ଶେଖର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ପଞ୍ଚାୟତସ୍ତରରୁ ସଦସ୍ୟ ସଂଗ୍ରହ କରାଯାଇ ଦଳକୁ ମଜବୁତ କରିବା ପାଇଁ ଜୋନସ୍ତରରେ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୪ନଂ ଜୋନ ପାଇଁ ସୁବାସ ଦ୍ୱିବେଦୀ, ନରୋତ୍ତମ ମହାପାତ୍ର, ସଂଗ୍ରାମ କେଶରୀ ପାତ୍ର ଓ ବୀରଭଦ୍ର ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ଜୋନରୁ ୫ ହଜାର ସଦସ୍ୟ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି । ବରିଷ୍ଠ ନେତା ପ୍ରଭାତ କୁମାର ଜେନା ଉପସ୍ଥିତ ରହି ଆଗାମୀ ଦିନରେ ଲୋକସମ୍ପର୍କ ସ୍ଥାପନ କରିବା ସହ ସଂଗଠନକୁ ମଜବୁତ କରିବା ପାଇଁ ସଙ୍କଳ୍ପ ରଖିଥିଲେ।

### ସଫଳତା ପାଇଁ ଛାତ୍ର ସମ୍ବର୍ଦ୍ଧିତ

ବାରିପଦା ଅଫିସ,୪।୭- ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ରୂପାୟ ମାଝିଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରୂପାୟ ଗତ ଜୁନ ୧୮ ରୁ ୨୦ ଯାଏ ନୂଆଦିଲ୍ଲୀରେ ଏନସିଇଆରଟି ଦ୍ୱାରା ଆୟୋଜିତ ଜାତୀୟ ଯୋଗ ଅଲିମ୍ପିଆଡ-୨୦୧୯ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ସଫଳ ଭାବେ ବାରିପଦା ଫେରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରଜ୍ଞାପାରମିତା ଜେନା ରୂପାୟଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିବା ସହିତ ବିଦ୍ୟାଳୟର ଅନ୍ୟ ଛାତ୍ରୀଛାତ୍ରମାନେ ତାଙ୍କ ସଫଳତାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ସୋନାଲି ପରିଡା, କୃତୀ ଶିକ୍ଷକ ଡ. ଶଶୀଧର ବିଶ୍ୱାଳ, ଭାରତ ଶିକ୍ଷାରତ୍ନ ଶିକ୍ଷକ ଅମିତାଭ ମିଶ୍ର, ମନୋଜ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଝାଡ଼ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




ଉତ୍ସବରେ ଉପସ୍ଥିତ ଅତିଥିମାନେ।

କପ୍ତିପଦା,୪।୭(ଡ଼ି.ଏନ୍.ଏ.)–

କପ୍ତିପଦା ବ୍ଲକ୍ ଅଧୀନ ବଡ଼ଝାଡ଼ ଉଚ୍ଚ ବିଦ୍ୟାଳୟରେ ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କପ୍ତିପଦା ମଣ୍ଡଳ ଶିକ୍ଷାଧିକାରୀ ଶଶୀଧର ସିଂ ଯୋଗଦେଇ ପ୍ରତ୍ୟେକ ପିଲା ପ୍ରତି ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇଲେ ଦିନ ଆସିବ ତାହା ଭରା ଜଙ୍ଗଲ ହେବ। ଏଣୁ ଆମର ଛୋଟ ଛୋଟ ଅଭ୍ୟାସର ପରିବର୍ତ୍ତନ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। କପ୍ତିପଦା ବନଖଣ୍ଡ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବେ ବନଖଣ୍ଡ ଅଧିକାରୀ ମହେଶ୍ୱର ସିଂ ଯୋଗଦେଇ ଗଛର ଉପଯୋଗିତା ବିଷୟରେ ହୃଦୟଙ୍ଗମ କରି ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସହକାରୀ ବନଖଣ୍ଡ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି, କପ୍ତିପଦା ବନପାଳ ଶୋଭାକର ସିଂ, ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ୍, ସୁବଳ ଶଙ୍ଖୁଆ, ମୋହନ ମାଣ୍ଡି, ସରସ୍ୱତୀ ହାଁସଦାଃ, ଶିଖାସ୍ୱରୂପା ଗିରି, ଅଞ୍ଜନାରାଣୀ ଗିରି, ଶିକ୍ଷା କମିଟିର ଅଧ୍ୟକ୍ଷ ଶିବପ୍ରସାଦ ସିଂ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବଉଳ, ଅଁଳା, ଗଙ୍ଗଶିଉଳି ଆଦି ଗଛରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏବଂ ବନ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

# ଦୃଷ୍ଟିହୀନ ବୃଦ୍ଧାଙ୍କୁ ମିଳୁନି ଭତ୍ତା

କୁଆମରା,୪।୭(ଡି.ଏନ.ଏ)

ବୟସ ୬୫ ଛୁଇଁଲାଣି। ୫ ବର୍ଷ ହେବ ଆଖିକୁ ଦେଖାଯାଉ ନାହିଁ। କଥା କହିଲେ ପାଟି ଖନି ବାଜି ଯାଉଛି। ନିଜ କାମ ପାଇଁ ଅନ୍ୟର ସାହାରା ଲୋଡ଼ିବାକୁ ପଡୁଛି। ଅବିବାହିତ ରହି ଜୀବନ କାଟିଲେଣି। ୨୦ ବର୍ଷ ତଳୁ ବାପା ଏବଂ ମାଆ ଆରପାରିକୁ ଗଲେଣି। ସଂପର୍କୀୟମାନେ ଏବେ ତାଙ୍କ ଠାରୁ ଦୂରରେ। ଏ ଭଳି ଜଣେ ଦୃଷ୍ଟିହୀନ ଅସହାୟ ବୃଦ୍ଧା ହେଉଛନ୍ତି ସାଇଁକୁଳା ପଞ୍ଚାୟତ ଅନ୍ତର୍ଗତ ସିରାଥଳୀ ଆଦିବାସୀ ସାହିର ଭୁଣ୍ଡା ସିଂଙ୍କ ଝିଅ ସୁକୁରୀ ସିଂ। ଭତ୍ତା ପାଇଁ ସୁକୁରୀ ୪ଥର ଆବେଦନ କରିଥିବା ତାଙ୍କ ପୁତୁରା ହୀରା ସିଂ କହିଛନ୍ତି। ମାତ୍ର ଆଜି ଯାଏ ତାଙ୍କୁ ଭତ୍ତା ମିଳି ପାରି ନାହିଁ। କେବଳ ଭତ୍ତା ନୁହେଁ ସୁକୁରୀ କିମ୍ବା ତାଙ୍କ ପରିବାର ପାଇଁ ସରକାରଙ୍କର ଆବାସ ଯୋଜନା ମଧ୍ୟ ଫେଲ ମାରିଛି। ବର୍ଷା, ଶୀତ କାକରରେ ବାରଣ୍ଡାରେ ପଡ଼ି ରହୁଛନ୍ତି ସୁକୁରୀ। ତେବେ ୬୦ ବର୍ଷ ପରେ ଯଦି ତାଙ୍କୁ ଭତ୍ତା ନ ମିଳିଲା ତେବେ ଏହି ଯୋଜନା କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏ ନେଇ ବିଡିଓ ମନୋଜ କୁମାର ବେହେରା ଓ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଖୁବ ଶୀଘ୍ର ଗୁରୁତ୍ୱ ଦେବେ ବୋଲି କହିଛନ୍ତି।



ଦୃଷ୍ଟିହୀନ ସୁକୁରୀ ସିଂ।

# ଶତାୟୁଙ୍କ ପରଲୋକ

କୋଷ୍ଟା, ୪।୭(ଡି.ଏନ.ଏ)

କୋଷ୍ଟା ବନବିହାରୀ ଜଗନ୍ନାଥ ମନ୍ଦିରର ପୂଜକ ପ୍ରଶାନ୍ତ କୁମାର ଅଧିକାରୀଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା । ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ହଠାତ୍ ତାଙ୍କର ମୃତ୍ୟୁ ଖବର ଶୋକର ଛାୟା ଖେଳାଇ ଦେଇଥିଲା । ବିଧି ବ୍ୟବସ୍ଥା ଅନୁଯାୟୀ ଅଧିକାରୀ ବଂଶଙ୍କୁ ବାଦ ଦେଇ ଅନ୍ୟ ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜା କର୍ମକର୍ମାଦି ସମ୍ପାଦନ ପରେ ରଥଟଣା କାମ କରାଯାଇଥିଲା।

# ଦୋକାନରୁ ଚୋରି

ବୈଶିଙ୍ଗା,୪।୭:

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଟିକାୟତପୁର ଗ୍ରାମ ଛକରେ ଥିବା ଏକ ତେଜରାତି ଦୋକାନରୁ ଲକ୍ଷାଧିକ ଟଙ୍କାର ମୂଲ୍ୟର ଜିନିଷ ଚୋରି ହୋଇଛି। ଦୋକାନ ମାଲିକ ମନୋରଞ୍ଜନ ପରିଡା ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ପୋଲିସ ଟିମ୍ କଳମା ପଞ୍ଚାୟତର କାଣ୍ଟି ଗ୍ରାମରେ ଚଢ଼ାଉ କରି ଚୋରି ଜିନିଷ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଫେରାର ଥିବା ଜଣାପଡ଼ିଛି।

# ବିଦେଶୀ ମଦ ଜବତ, ୨ ଗିରଫ



ଜବତ ବିଦେଶୀ ମଦ ସହ ଦୁଇ ଅଭିଯୁକ୍ତ।

ବଡ଼ସାହି,୪।୭(ସ୍ୱ.ପ୍ର)–ବଡ଼ସାହି ଥାନା ଅଧୀନ ପ୍ରତାପପୁରଠାରେ ବିଦେଶୀ ମଦ ନେଇ ଯାଉଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୯୫ ବୋତଲ ବିଦେଶୀ ମଦ ଜବତ ହୋଇଛି। ଏଥିନେଇ ଥାନାରେ ଏକ ମାମଲା (ନଂ.୧୦୧/୧୯) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ନାମୁଦାଦ୍ ଅଞ୍ଚଳର ରଞ୍ଜୟ କୁମାର ଏବଂ ବିହାର ରାଜ୍ୟ ଶାଖାଇବା ଅଞ୍ଚଳର ରବି କୁମାର ସିଂ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିବା ପରେ ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖି ଯାଞ୍ଚ କରିଥିଲେ। ତେବେ ଅଭିଯୁକ୍ତଦ୍ୱୟ ବାହାର ରାଜ୍ୟର ହୋଇଥିବା ବେଳେ ଏହି ମଦ କେଉଁଠାରୁ ଆଣିଲେ ସେଥିନେଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଫିସର ଜଣାଇଛନ୍ତି।

# ବନ ମହୋତ୍ସବ ପାଳିତ

କୁଆମରା,୪।୭(ଡିଏନଏ)–

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତସ୍ଥିତ ନୂଆସାହି ଖେଳ ପଡିଆଠାରେ ବନ ସୁରକ୍ଷା ସମିତି ଓ ନୂଆସାହି ଗ୍ରାମ୍ୟ ଜଙ୍ଗଲ କମିଟି ପକ୍ଷରୁ ଗୁରୁବାର ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୁଆମରା ବନପାଳ ଧ୍ରୁବଚରଣ ବସନ୍ତିଆଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର, ସମ୍ମାନିତ ଅତିଥିଭାବେ ଯୁବ ନେତା ଗିରିଜା ଶଙ୍କର ବେହେରା, ୱାର୍ଡ ସଭ୍ୟା ସୁକାନ୍ତିମଣି ସିଂ, ଜଙ୍ଗଲ କମିଟିର ସଭାପତି ପୀତାମ୍ବର ସିଂ ଓ ସଂପାଦକ ଲମ୍ବୋଦର ସିଂ ଯୋଗଦେଇ ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ। ଜଙ୍ଗଲ କମିଟିର ସଦସ୍ୟ ଡମ୍ବରୁଧର ସିଂ, ରମେଶ ସିଂ, ଗୋବିନ୍ଦ ସିଂ, ଗଜେନ୍ଦ୍ର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଦଳା ରଥଯାତ୍ରା ଆରମ୍ଭ

# ଯେଉଁଠି ଛାଡ଼ିଲେ ପୁରୁଷ, ସେଇଠୁ ଟାଣିବେ ମହିଳା

ଉଦଳା,୪।୭(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଉଦଳାରେ ରଥଯାତ୍ରା ଆରମ୍ଭ ହୋଇଛି। ରୀତିନୀତି ଅନୁସାରେ ଗୁରୁବାର ସକାଳେ ମହାପ୍ରଭୁଙ୍କ ପୂଜା ସମାପନ ପରେ ରଥ ପ୍ରତିଷ୍ଠା କରାଯାଇଥିଲା। ଏହା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପହଣ୍ଡି ବିଜେ କରାଯାଇଥିଲା । ଶଙ୍ଖ, ଘଣ୍ଟା, ହୁଳହୁଳି, ସଂକୀର୍ତ୍ତନ, ଘଣ୍ଟା ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ମନ୍ଦିର ବେଢ଼ା । ପହଣ୍ଡି ବିଜେ କରାଯାଇ ପ୍ରଭୁଙ୍କୁ ରଥକୁ ନିଆଯାଇଥିଲା। ଅପରାହ୍ନ ୪.୩୦ ସମୟରେ ଉଦଳାର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ ରଥରେ ଛେରା ପହଁରା କରିବା ପରେ ରଥ ଟଣା ହୋଇଥିଲା। ଏଥିରେ ଉଦଳା ତଥା ପାଖଆଖ ଅଞ୍ଚଳରୁ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଜନସମାଗମ ହୋଇଥିଲା । ପାରମ୍ପରିକ ନୀତି ଅନୁସାରେ ପ୍ରଥମ ଦିନର ରଥକୁ ପୁରୁଷ ଶ୍ରଦ୍ଧାଳୁମାନେ ଟାଣିଥିବା ବେଳେ ଦ୍ୱିତୀୟ ଦିନରେ ମହିଳା ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ରଥ ଟଣା ଯିବ । ଉଦଳା ହାଇସ୍କୁଲ ଛକ ନିକଟରେ ରଥ ଅଟକି ରହିଥିବା ବେଳେ ଦ୍ୱିତୀୟ ଦିନରେ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ରଥ ଟଣାଯାଇ ମାଉସୀ ମା' ମନ୍ଦିରରେ ପହଞ୍ଚିବ ବୋଲି ମନ୍ଦିର ପରିଚାଳନା କମିଟିର ସଂପାଦକ ଲକ୍ଷ୍ମଣ ନାୟକ ସୂଚନା ପ୍ରଦାନ କରିଛନ୍ତି। ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ୍ ମୁତୟନ ହେବା ସହିତ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି । ଜଣେ ଡିଏସପିଙ୍କ ସମେତ ୨ ଏସଆଇ, ୭ ଏଏସଆଇଙ୍କ ସହ ଗୋଟିଏ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଏବଂ ସାଧା ପୋଷାକରେ ପୋଲିସ୍ ମୁତୟନ ହୋଇଥିବା ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରଥମ ଦିନର ରଥଟଣା ଅବସରରେ ଆଧ୍ୟାତ୍ମିକ ପୁସ୍ତିକା ''ମହାବାହୁ'' ଉନ୍ମୋଚିତ ହୋଇଥିଲା । ଛେରାପହଁରା କରିଥିବା ଉଦଳାର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ, ଉପଜିଲାପାଳ ଭଗବାନ ବେହେରା, ଉଦଳା ବିଧାୟକ ଭାସ୍କର ମଢେଇ, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଦିଲ୍ଲୀପ କୁମାର ଦିକ୍ଷୀତ, କିଶୋର ଚନ୍ଦ୍ର ଦାସବାବୁ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ । ସେହିଭଳି ଉଦଳାର ମେଣ୍ଢାଖାଇଠାରେ ରଥଯାତ୍ରା ଆୟୋଜିତ ହୋଇଥିଲା। ରବିନାରାୟଣ ମହାନ୍ତିଙ୍କ ଘରୁ ଚତୁର୍ଦ୍ଧାମୂର୍ତ୍ତି ରଥରେ ବିଜେ କରିବା ପରେ ରଥଟଣା ଯାଇଥିଲା । ରଥଟଣା ଯାଇ ମାଉସୀ ମା' ଘର ଅର୍ଥାତ୍ ଅର୍କନାରାୟଣ ମହାନ୍ତିଙ୍କ ଘରେ ପହଞ୍ଚିଥିଲା । ଏହି ଅବସରରେ ମାଉସୀ ମା ମନ୍ଦିର ପକ୍ଷରୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



ଉଦଳାରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

## ସଂକ୍ଷେପରେ

### ଜଳେଶ୍ୱରରେ ରଥଯାତ୍ରା



**ଜଳେଶ୍ୱର, ୪।୭(ଡି.ଏନ.ଏ.):** ଜଳେଶ୍ୱର ସହର ତଥା ବ୍ଲକ ଅଞ୍ଚଳରେ ରଥଯାତ୍ରା ଅବସରରେ ମହାପ୍ରଭୁଙ୍କ ରଥଟଣା ବହୁ ଧୁମଧାମ୍‌ରେ ସମ୍ପନ୍ନ ହୋଇଯାଇଛି। ସହରର ବଡ଼ବଜାର, ନୂଆବଜାର ଓ ବ୍ଲକ ଅଞ୍ଚଳର ଗୋବରଘାଟା ପଞ୍ଚାୟତର କୃଷ୍ଣନଗରସ୍ଥିତ ଇସ୍କନ ମନ୍ଦିର, ଗୋପୀମୋହନପୁର ପଞ୍ଚାୟତର ଛମୌଜ ପାବନକ୍ଷେତ୍ର, ଓଲମାରା, ମାକିଡ଼ିଆ, ପଶ୍ଚିମବାର୍ଡ଼, ନାମ୍ପୋ, ବର୍ତ୍ତନା, ଶାଳିକୋଠା, ଆରୁହାସ୍ଥିତ ଜଗନ୍ନାଥ ମନ୍ଦିରରୁ ତିନି ଠାକୁରଙ୍କୁ ରଥାରୂଢ଼ କରି ଶ୍ରଦ୍ଧାଳୁମାନେ ରଥକୁ ଟାଣିନେଇ ମାଉସୀମା’ ମନ୍ଦିରକୁ ପହଞ୍ଚାଇ ଥିଲେ। ଜଳେଶ୍ୱର ଥାନାଞ୍ଚଳରେ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ ପାଇଁ ଆଇଆଇସି ପ୍ରଦୀପ କୁମାର ମାଝି ସଦଳବଳେ ପଦକ୍ଷେପ ନେଇଥିଲେ। ସମସ୍ତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ରଥଯାତ୍ରା ସମ୍ପନ୍ନ ହୋଇଛି। ସହର ନୂଆବଜାର ବାଇପାସ୍ ନିକଟସ୍ଥ ଜଳେଶ୍ୱରଇନ୍ ହୋଟେଲ ଓ ଇଲେକ୍ଟ୍ରୋଲାଇଫ୍ ତରଫରୁ ନିର୍ଦ୍ଦେଶକ ସୁମୀତ ମହାନ୍ତି ଓ ତାଙ୍କ ଟିମ୍ ସମସ୍ତ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ସରବତ୍ ବଣ୍ଟନ କରିଥିଲେ।

### ନୂତନ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା



**ରୂପ୍‌ସା, ୪।୭(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଡ. ଜୟନ୍ତ କୁମାର ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର କର୍ମଚାରୀ ସଙ୍ଗଠନ ତରଫରୁ ଅଧକ୍ଷ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ପ୍ରାଧାପକ ଜଳଧର ମହାନ୍ତି ଅଧକ୍ଷତା କରିଥିଲେ। ଅଧକ୍ଷ ପଣ୍ଡା ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଦିଗରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହଯୋଗ ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ରାମଚନ୍ଦ୍ର ସାହୁଙ୍କଠାରୁ ସେ ଜୁନ୍ ୨୮ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ଅଧକ୍ଷ ସାହୁ, ଡ. ପ୍ରସନ୍ନ କୁମାର ମନ୍ତ୍ରୀ, ଅଧାପକ ଗୌରାଙ୍ଗ ପଣ୍ଡା, ଡ. ତପନ କୁମାର ଦାସ, ଡ. ଆରୁଣୀ ମିଶ୍ରଙ୍କ ସମେତ କର୍ମଚାରୀ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବାହାନଗାରେ ଘୋଷଯାତ୍ରା

**ବାହାନଗା, ୪।୭(ଡି.ଏନ.ଏ.):** ବାହାନଗା ବ୍ଲକ ପଥରପେଣ୍ଠ ଗ୍ରାମର ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେବା ସହିତ ତାଳକୁରୁଣିଆଁ ଗ୍ରାମର ମଧ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ସେହିପରି ଗୋପାଳପୁର, ଷଠୀ, ପଣପଣା, ଖନ୍ତାପଡା, ଦୋଳପୁର ଗ୍ରାମ ସମେତ ଶ୍ରୀଜଙ୍ଗ, ତାଳପଦା ଗ୍ରାମରେ ମଧ ମହାପ୍ରଭୁଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଛି। ତେବେ ଗୋପାଳପୁର ଜଗନ୍ନାଥଙ୍କ ରଥ ଯାତ୍ରାରେ ପହଣ୍ଡି ବେଳେ ଲମ୍ବୋଧର ମିଶ୍ର ଛେରାପହଁରା କରିଥିବା ବେଳେ ତାଳକୁରୁଣିଆଁରେ ଗୋଟିଏ ରଥରେ ବିଜୟ୍ କୁମାର ସାହୁ ଅନ୍ୟଟି ସୁଧାକର ପରିଡା ଛେରାପହଁରା କରିଥିଲେ। ତାଳକୁରୁଣିଆଁ ଗ୍ରାମର ୩ଟି ରଥ ଅନୁଷ୍ଠିତ ହୋଇଥାଏ। ଦଧିବାମନଙ୍କ ରଥରେ ସୁଦର୍ଶନ ଓ ଦେବୀ ସୁଭଦ୍ରାଙ୍କ ରଥ ହୋଇଥିବା ବେଳେ ଅନ୍ୟ ଦୁଇଟି ମଧରୁ ଗୋଟିଏରେ ବଳଭଦ୍ର ଓ ଅନ୍ୟଟି ବଡଠାକୁର ଜଗନ୍ନାଥଙ୍କ ରଥ ହୋଇଛି। ଏହି ରଥଯାତ୍ରା ତାଳକୁରୁଣିଆଁ ଗ୍ରାମର ୫୦ ବର୍ଷ ରୁ ଊର୍ଦ୍ଧ୍ୱ କାଳ ଧରି ଅନୁଷ୍ଠିତ ହୋଇଆସୁଛି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଗୋପାଳପୁର ଫାଣ୍ଡି ପୋଲିସ ନିୟୋଜିତ ହୋଇଥିଲେ। ସେହିପରି ଗୋପାଳପୁର ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା କମିଟିର ସୁଦର୍ଶନ ମହାପାତ୍ର, ହରିଶ୍ ଚନ୍ଦ୍ର ଯେନା, ସୀତାକାନ୍ତ ତ୍ରିପାଠୀ, କମଳାକାନ୍ତ ଚୈଧୁରୀ, ବେଣୁଧର ଜେନା, ଅଭିରାମ ସାହୁ, ରବୀନ୍ଦ୍ର ମିଶ୍ର, କଲଳ ଦାସ ଓ ହଲଳ ଦାସ ପ୍ରମୁଖଙ୍କ ସହଯୋଗରେ ମହାପ୍ରଭୁଙ୍କ ରଥ ଯାତ୍ରା ଅନୁଷ୍ଠିତ ହୋଇଛି।

## ■ କମ୍ପାନୀରେ ନିଯୁକ୍ତି ଦେବା ନାଁରେ ଠକେଇ

# ପ୍ରତିବାଦରେ ଧାରଣା ଦେଲେ ଚାଷୀ

**ସୋର, ୪।୭(ଡି.ଏନ.ଏ.)**



ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲେଶ୍ୱର ଜିଲା ସୋର ବ୍ଲକ ନଟାପଡ଼ାଠାରେ ଜଣେ ବ୍ୟକ୍ତି କମ୍ପାନୀ କରି ସେଥିରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇ ଚାଷୀମାନଙ୍କଠାରୁ ଜମି କିଣିଥିଲେ। ହେଲେ ସେ କମ୍ପାନୀ ନ କରି ପରବର୍ତ୍ତୀ ପର୍ଯ୍ୟାୟରେ ବିକ୍ରି କରିବାକୁ ଯୋଜନା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଗ୍ରାମବାସୀ ତଥା ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣା ବସିଛନ୍ତି। ବୁଧବାର ଆରମ୍ଭ ହୋଇଥିବା ଧାରଣା ଗୁରୁବାର ଜାରି ରହିଛି।

୧୦ବର୍ଷ ତଳେ ଜଣେ ବ୍ୟକ୍ତି ଉତ୍କଳ ମେଟାଲିକ ଫୋରୁକ୍ରୋମ ଅଲୱେଜ କମ୍ପାନୀ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇ ସ୍ଥାନୀୟ ନଟାପଡ଼ା, ତିଳଦା, ବିଶାଗଡ଼ିଆ, ଶରଶଙ୍ଖ ଆଦି ଗ୍ରାମର ଚାଷୀମାନଙ୍କଠାରୁ ଜମି କ୍ରୟ କରିଥିଲେ। କମ୍ପାନୀ କରିବା ନାଁରେ ପାଖାପାଖି ୫୦ଏକର ଜମିକୁ ବାଡ଼ ଘେରି ଦେଇଥିଲେ। ପରେ ଶୀତଳଭଣ୍ଡାର ଓ ଅଟା ଫ୍ୟାକ୍ଟ୍ରି କରିବାକୁ କାମ ଆରମ୍ଭ କରିଥିଲେ। କେତେକ ଚାଷୀଙ୍କ ବେକାର ଯୁବକମାନଙ୍କୁ ନାମକୁମାତ୍ର ନିଯୁକ୍ତି ଦେଇଥିଲେ। ଦରମା ନ ମିଳିବାରୁ ନିଯୁକ୍ତି ପାଇଥିବା ଯୁବକମାନଙ୍କ ଛାଡ଼ି ପଳାଇ ଆସିଥିଲେ। ପରେ ଶୀତଳଭଣ୍ଡାରକୁ ବନ୍ଦ କରିଦେଇ ଏହି ଜମିକୁ ବିକ୍ରୟ କରିବାକୁ ଯୋଜନା କରିଥିଲେ। ଚୁକ୍ତି ଅନୁସାରେ ଜମି ହରାଇଥିବା ଚାଷୀମାନଙ୍କୁ କୌଣସି ନିଯୁକ୍ତି ନ ଦେଇ ଜମି ବିକ୍ରୟ କରିବା, କେତେକଙ୍କୁ ଦରମା ନ ଦେବା ପ୍ରତିବାଦରେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ ହୋଇଛି। ଏନେଇ ଚାଷୀମାନେ ଜିଲାପାଳ, ବିଭିନ୍ନ ଅଧିକାରୀଙ୍କଠାରେ ଅଭିଯୋଗ କରିବା ସହିତ ବିକ୍ରି କରିଥିବା ଜମିକୁ ଫେରସ୍ତ ଲାଗି ଦାବି କରିଛନ୍ତି। ସୋର ପୋଲିସ ପହଞ୍ଚି ବିକ୍ଷୋଭକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଧାରଣାରେ ସାମିଲ ହୋଇଥିବା ଚାଷୀମାନଙ୍କ ମଧ୍ୟରେ ନରେନ୍ଦ୍ର ଧଡ଼ା, ଦୁର୍ଗାଚରଣ ଜେନା, ବିଷ୍ଣୁ ମଲିକ, ଲମ୍ବୋଦର ସେଠୀ, ସନାତନ ମଲିକ, ଲକ୍ଷ୍ମଣ ମିଶ୍ର, ଭାସ୍କର ଦାସ, ରବୀନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରସନ୍ନ ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତେବେ ଚାଷୀମାନେ ସେମାନଙ୍କ ଜମିକୁ ଫେରସ୍ତ ନ କରିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରଦ୍ଧାକ୍ଷେତ୍ରରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ବାଲିଆପାଳ, ୪।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳର ଶ୍ରଦ୍ଧାକ୍ଷେତ୍ରରେ ଗୁରୁବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ହୋଇଛି। ଏଥିପାଇଁ ପ୍ରାତଃରୁ ଶ୍ରୀଜୀଉମାନଙ୍କର ସମସ୍ତ ରୀତିନୀତି ସମ୍ପନ୍ନ ହେଇଥିଲା। ଅପରାହ୍ଣରେ ଚକ୍ରରାଜ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା, ଶ୍ରୀ ଜଗନ୍ନାଥ ପ୍ରମୁଖଙ୍କୁ ଗୋଟି ପହଣ୍ଡିରେ ବିଜେ କରି ତିନି ରଥରେ ରୁଢ଼ କରାଯାଇଥିଲା। ମନ୍ଦିରଟ୍ରଷ୍ଟ ବୋର୍ଡ ସଭାପତି ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ତାଳଧ୍ୱଜ, ଦେବଦଳନ, ନନ୍ଦିଘୋଷ ଆଦି ରଥରେ ଛେରାପହଁରା କରିଥିଲେ। ଶ୍ରଦ୍ଧାକ୍ଷେତ୍ରରୁ ଭକ୍ତମାନେ ତିନିରଥକୁ ବାଲିଆପାଳ ବସ୍‌ଷ୍ଟାଣ୍ଡସ୍ଥିତ ମାଉସୀମା’ ମନ୍ଦିରକୁ ଟାଣି କରି ନେଇଆସିଥିଲେ। ଏଠାରେ ଦେବଦଳନ ରଥକୁ କେବଳ ମହିଳାମାନେ ଟାଣିବାର ବିଧି ବ୍ୟବସ୍ଥା ରହିଛି। ରଥଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାପାଇଁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ଓ ୩ ପ୍ଲାଟୁନ ପୋଲିସ ନିୟୋଜିତ ହୋଇଥିଲେ। ବସ୍ତା ଏସ୍‌ଡିପିଓ ରଣଜିତ କୁମାର ପୁଷ୍ଟି, ତହସିଲଦାର ସ୍ନିଗ୍ଧା ଛାୟା ମହାପାତ୍ର ,ଆଇ.ଆଇ.ସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଟ୍ରଷ୍ଟବୋର୍ଡ ସମ୍ପାଦକ ବ୍ରଜକିଶୋର ଭୂୟାଁ, ସରପଞ୍ଚ ମଧୁସୂଦନ ବାରିକ, ରାଜଗୁରୁ ତପନ ପାଠୀ, ପୂର୍ବତନ ସରପଞ୍ଚ ମୂରଲୀମୋହନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁସୂଦନ ସାହୁ, ସୁଶାନ୍ତ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଭୁବନ ପାଣିଗ୍ରାହୀ, କାଳୀଚରଣ ଦେ, ସତ୍ୟକାମ ମହାନ୍ତି, ପୂଜକ ବିଷ୍ଣୁପଦ ପାଠ, ସଞ୍ଜୀବ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ ନିଆଯାଉଛି।

## ଗଡ଼ିଲା ହଜାରେରୁ ଅଧିକ ରଥ

**ଭୋଗରାଇ, ୪।୭(ଡି.ଏନ.ଏ.)**

ଭୋଗରାଇ ବିଭିନ୍ନ ସ୍ଥାନରେ ହଜାରେରୁ ଊର୍ଦ୍ଧ୍ୱ ରଥ ଟଣା ଯାଇଥିଲା। ଚନ୍ଦନେଶ୍ୱର, ମହାନ୍ତିଛକ, ଶଙ୍ଖାରୀ, ଶ୍ରଦ୍ଧାପୁର, ନାରାଣମହାନ୍ତିପଡ଼ିଆ, ଆଉସା, ଜଗନ୍ନାଥପୁର, ନେଗୁଆଁ, କଖଡ଼ା, ସରିଷାହାଟ, ଜଳସୋହରିଆ, ସୋହରିଆ, ନୂଆଗାଁ, ଚୌକି, ଜୟରାମପୁର, ଭୋଗରାଇହାଟ, ରସିଦପୁର, ଥାନାଛକ, ଦେଉଳାହାଟ, ଅନଳିଆ, କାଳାହି, ମନ୍ଦାରସାହି, ମହାଗବ, କୁଳିଦା, ବାଉଁଶଡ଼ିହା, ବେଣୁଦା, କମର୍ଦ୍ଦା, ଦହମୁଣ୍ଡା ଆଦି ସ୍ଥାନରେ ଛୋଟରୁ ବଡ଼ ରଥ ଟଣାଯାଇଛି। କମର୍ଦ୍ଦା ୩ ଶହ ବର୍ଷରୁ ଊର୍ଦ୍ଧ୍ୱ ରଥ ସହିତ ରସିଦ୍‌ପୁର କୃପାକ୍ଷେତ୍ର ଘୋଷଯାତ୍ରାରେ ସ୍ଥାନ ଭକ୍ତମୟ ହୋଇଛି। ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସାନଭାଇ ଶ୍ରୀଜଗନ୍ନାଥଙ୍କୁ ଓଡ଼ିଆ ସଂସ୍କୃତି ରୀତିନୀତି ଅନୁଯାୟୀ ରଥଟଣା ଯାଇଛି। ପୁରୀ ଶ୍ରୀଜଗନ୍ନାଥଙ୍କ ରଥ ପରି ଭୋଗରାଇର ବିଭିନ୍ନ ସ୍ଥାନରେ ବଙ୍ଗୀୟ ଶିଳ୍ପୀଙ୍କ ଦ୍ୱାରା, ଧାନ, ଅଖା, ବାଉଁଶ, ସୋଲ ଓ ଅନ୍ୟାନ୍ୟ ସୂକ୍ଷ୍ମ କାରୁକାର୍ଯ୍ୟରେ ଆକର୍ଷଣୀୟ ରଥ ନିର୍ମିତ ହୋଇ ଭକ୍ତଙ୍କୁ ଆକର୍ଷିତ କରିଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଥ ପ୍ରତିଯୋଗିତା କରାଯାଇ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଜଳସୋହରିଆ ଉପସ୍ୱାସ୍ଥ୍ୟକେନ୍ଦ୍ରଠାରେ ୭ ଦିନ ଧରି ମେଳା ବସିଛି।

## ■ ଘରୋଇ କଲେଜ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

# ମୃତ୍ୟୁ ପଛର ରହସ୍ୟ ଚାପିଦେବାକୁ ଉଦ୍ୟମ

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

■ ପୋଲିସ କହୁଛି ଆତ୍ମହତ୍ୟା, ମୁହଁ ଖୋଲୁନାହାନ୍ତି କର୍ତ୍ତୃପକ୍ଷ

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଯୁକ୍ତ୨ ସାଇନ୍ସ କଲେଜ ହଷ୍ଟେଲରେ ଜଣେ ଛାତ୍ରଙ୍କ ମୃତଦେହ ବୁଧବାର ସନ୍ଦେହଜନକ ଅବସ୍ଥାରେ ମିଳିଥିଲା। ମୃତ ଛାତ୍ର ଜଣକ ହେଲେ ଭଦ୍ରକ ଭଣ୍ଡାରିପୋଖରୀ ଅଞ୍ଚଳର ରଞ୍ଜିତ ରାଉତ(୧୮)। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ବାପା ହିଟ୍‌ଲର ରାଉତ ଅଭିଯୋଗ ଆଣିଛନ୍ତି। ମାତ୍ର ପୋଲିସ ଏହାକୁ ହତ୍ୟା ବୋଲି ମାନିବାକୁ ନାରାଜ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ। ହେଲେ ଏଯାଏ ପୋଲିସ କଲେଜ କର୍ତ୍ତୃପକ୍ଷ, ହଷ୍ଟେଲର କର୍ମଚାରୀ କିମ୍ବା ଅନ୍ୟ ଛାତ୍ରମାନଙ୍କୁ କାହିଁକି ପଚରାଉଚରା କରୁନି ତାହାକୁ ନେଇ ରଞ୍ଜିତଙ୍କ ବାପା ସନ୍ଦେହ ପ୍ରକାଶ କରିଛନ୍ତି। ମାମଲାକୁ ଚାପିବାକୁ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଛନ୍ତି। ହେଲେ ପାରିପାର୍ଶ୍ୱିକ ସ୍ଥିତି ଓ ପୂରା ଘଟଣାକ୍ରମକୁ ଦେଖିଲେ ନାନା ରହସ୍ୟ ଲୁଚି ରହିଥିବାବେଳେ ପୋଲିସ କ’ଣ ପାଇଁ ଏହାକୁ ଏଡାଇଛି ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଗୁରୁବାର ମୃତ ଛାତ୍ରଙ୍କ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ସତ୍ୟନଗର ଶ୍ମଶାନରେ ମୃତଦେହର ସତ୍କାର କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ରଞ୍ଜିତ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। କଲେଜରେ ରିଆଡ୍‌ମିଶନର ପାଇଁ ଟଙ୍କା ଦରକାର ବୋଲି ୭ଦିନ ହେବ ପରିବାର ଲୋକଙ୍କୁ କହିଥିଲେ। ୫ଦିନ ତଳେ ଟଙ୍କା ପାଇଁ ସେ ଘରକୁ ଯାଇଥିଲେ। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଟଙ୍କା ଯୋଗାଡ଼ ହୋଇପାରି ନ ଥିଲା। ବାପା ହିଟ୍‌ଲର ରଞ୍ଜିତଙ୍କୁ ବୁଝାଇ ଟ୍ରେନରେ ବସାଇ ଦେଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ରଞ୍ଜିତଙ୍କୁ ଫୋନ୍ କରି ହଷ୍ଟେଲରେ ଭଲରେ ପହଞ୍ଚିଥିବା ଜାଣିଥିଲେ। ଖାଇ ଦେଇ ଟିକେ ବିଶ୍ରାମ ନେବାକୁ ବାପା କହିଥିଲେ। ଏହାପରେ ଦିନ ୧ଟାରେ ମଧ ରଞ୍ଜିତ ବାପାଙ୍କ ସହ କଥା ହୋଇଥିଲେ। ହେଲେ ହଠାତ୍ ଅପରାହ୍ନ ପ୍ରାୟ ୪ଟାରେ କଲେଜ ହଷ୍ଟେଲ କର୍ତ୍ତୃପକ୍ଷ ବାପାଙ୍କୁ ଫୋନ୍ କରି ରଞ୍ଜିତଙ୍କ ଦେହ ଅସୁସ୍ଥ ଥିବା ଜଣାଇଥିଲେ। ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ପୁଅର ମୃତ୍ୟୁ ହୋଇଥିବା ଦେଖି ଚକିତ ହୋଇଯାଇଥିଲେ। ସେଠାରେ କଲେଜ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ଥାନାର ପୋଲିସ ନ ଥିଲେ। ଫାଣ୍ଡି ପୋଲିସ ମୃତଦେହକୁ ଶବ ବ୍ୟବଚ୍ଛେଦ ଗୃହରେ ରଖିଥିଲେ।

ରଞ୍ଜିତଙ୍କ ରୁମ୍‌ମେଟ୍‌ଙ୍କ କହିବାନୁଯାୟୀ, ରଞ୍ଜିତ ହଷ୍ଟେଲକୁ ଫେରିବା ପରେ ମନଦୁଃଖରେ ଥିଲେ। ଦିନ ୧୨ଟାରେ ଖାଇବା ପରେ ଏକାକୀ ବସିଥିଲେ। ରୁମ୍‌ମେଟ୍ ଶୋଇପଡ଼ିଥିଲେ। ଏହି ସମୟରେ ରଞ୍ଜିତ ଏକ ଗାମୁଛାକୁ ବେକରେ ବାନ୍ଧି ଝରକା ରଡରେ ଝୁଲି ଆତ୍ମହତ୍ୟା କରିଥିଲେ। କିନ୍ତୁ ଏପରି କଥାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ରଞ୍ଜିତଙ୍କ ପରିବାର ଲୋକେ। ସାଙ୍ଗ ରୁମ୍‌ରେ ଥିବାବେଳେ ରଞ୍ଜିତ କିପରି ଝରକ ପାଖକୁ ଯାଇ ଅତ୍ମହତ୍ୟା କଲେ ଓ କିଛି ବି ଶବ୍ଦ ସେ ଶୁଣିପାରିଲେ ନାହିଁ ତାହାକୁ ନେଇ ସେମାନେ ସନ୍ଦେହ କରିଛନ୍ତି। ଏପରିକି ଝରକା ନିକଟରେ ଆଣ୍ଠେଇବା ଅବସ୍ଥାରେ ରଞ୍ଜିତଙ୍କୁ ଉଦ୍ଧାର କରାଯାଇଥିଲା। ଏପରି ଅବସ୍ଥାରେ କ’ଣ କେହି ମରିପାରିବ ବୋଲି ପରିବାର ଲୋକେ ପ୍ରଶ୍ନ କରିବା ସହ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି କହିଛନ୍ତି। ପୋଲିସ ଠିକ୍ ତଦନ୍ତ କଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ମୃତ ରଞ୍ଜିତଙ୍କ ବାପା ହିଟଲର କହିଛନ୍ତି।

ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠି କହିଛନ୍ତି, ଏହା ଏକ ସ୍ପଷ୍ଟ ଆତ୍ମହତ୍ୟା। ହେଲେ ରଞ୍ଜିତଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବାରୁ ଏହା ଆଧାରରେ ତଦନ୍ତ କରୁଛୁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ବିଭିନ୍ନ ସ୍ଥାନରେ ରଥଯାତ୍ରା

**ସିମୁଳିଆ, ୪।୭(ଡି.ଏନ.ଏ.)**

ସିମୁଳିଆ ବ୍ଲକର ଗୁରୁବାର ବିଭିନ୍ନ ସ୍ଥାନରେ ରଥଯାତ୍ରା ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ବ୍ଲକର ସଦର ମହକୁମା ମାର୍କୋଣା ଷ୍ଟେସନବଜାରରେ ରଥଯାତ୍ରା ୧୧ବର୍ଷରେ ପାଳିତ ହୋଇଥିଲା। ଏହି ଅବସରରେ ପ୍ରାତଃରୁ ବିଧି ଉପଚାର ପୂଜା, ଭଜନ, ସଂକୀର୍ତ୍ତନ ଓ ପ୍ରସାଦସେବନ ହୋଇଥିଲା। ଅପରାହ୍ନ ୪ଟା ୧୫ମିନିଟ୍ ସମୟରେ ରଥଟଣା ଉତ୍ସବ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ସମୟରେ ମାର୍କୋଣା ଛକ ନିକଟସ୍ଥ ଶ୍ରୀଶ୍ରୀ ଅନ୍ନପୂର୍ଣ୍ଣାନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲା। ମୁଖ୍ୟପୂଜକ ରୂପେ ଶରତ ପାଣି, ଭାରତ ଭୂଷଣ ଦାଶ, ସୁବାଷ ଚନ୍ଦ୍ର ମିଶ୍ର, ଗଣପତି ପଣ୍ଡା ପ୍ରମୁଖ ଥିଲେ। ଭାସ୍କର ଚନ୍ଦ୍ର ଭୂୟାଁ ପ୍ରତ୍ୟେକ ବର୍ଷ ପରି ଛେରାପହଁରା କରିଥିଲେ। ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ।

ସେହିପରି ଭଗିଆ, ସୁବର୍ଣ୍ଣପୁର, ବମଦିଆ, ଦଧିବାମନପୁର ପ୍ରମୁଖ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଈଶ୍ୱରପୁରରେ ରଥଯାତ୍ରା ଅନୁଷ୍ଠିତ ହେବ।



ମାର୍କୋଣାରେ ଶ୍ରଦ୍ଧାଳୁମାନେ ରଥ ଉପରେ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି।

## ଚନ୍ଦନପୋଖରୀ ନିକଟରେ ଅଟକିଲେ ଗୁଡ଼ବଳଦେବଜୀଉ

**ସୋର, ୪।୭(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ଗୁଡ଼ ଗ୍ରାମରେ ପ୍ରସିଦ୍ଧ ଲାଭ କରିଥିବା ଗୁଡ଼ ବଳଦେବଜୀଉଙ୍କ ରଥଯାତ୍ରା ଆରମ୍ଭ ହୋଇଛି। ପରମ୍ପରାନୁସାରେ ମନ୍ଦିର ମଧରେ ଜୀଉଙ୍କର ସମସ୍ତ ପୂଜାନୀତି ଶେଷ ପରେ ଅପରାହ୍ନ ୪ଟାରେ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ସେଠାରେ ଭକ୍ତଙ୍କୁ ଦର୍ଶନ ଦିଆଯିବା ସହିତ ଭୋଗ ଲଗାଇଥିଲେ। ପରେ ରଥଟଣା ଅରମ୍ଭ କରାଯାଇଥିଲା। ଭକ୍ତମାନଙ୍କ ଦ୍ୱାରା ରଥଟଣା ଯାଇ ସ୍ଥାନୀୟ ଚନ୍ଦନ ପୋଖରୀ ନିକଟରେ ରଖାଯାଇଥିଲା। ଶ୍ରୀଜୀଉଙ୍କ ରଥ ଦୁଇଦିନରେ ମାଉସୀମା’ ମନ୍ଦିରରେ ପହଞ୍ଚିବାର ବିଧି ରହିଛି। ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଓ ସୋର ପୋଲିସ ସହଯୋଗରେ ଏଠାର ରଥଯାତ୍ରା ହେଉଛି। ପାଖାପାଖି ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଭଜନ, କୀର୍ତ୍ତନ, ମେଲୋଡ଼ି ଆଦି କାର୍ଯ୍ୟକ୍ରମ ଟ୍ରଷ୍ଟବୋର୍ଡ଼ ତରଫରୁ କରାଯାଇଥିଲା।

ସେହିପରି ସୋର ବ୍ଲକ ଅନ୍ତର୍ଗତ ଅନନ୍ତପୁର କରସାହିଠାରେ ଥିବା ଜଗନ୍ନାଥ ମନ୍ଦିରରେ ଅପରାହ୍ନ ସାଢ଼େ ୪ଟାରେ ରଥଯାତ୍ରା ଆରମ୍ଭ ହୋଇଥିଲା। ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ସହଯୋଗରେ ଏହି ରଥଯାତ୍ରା ହେଉଛି। ସମସ୍ତ ପୂଜାନୀତି ଶେଷ ପରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ପରେ ରଥଟଣା ଯାଇ ସ୍ଥାନୀୟ ଅନନ୍ତପୁର ବଜାରରେ ଥିବା ମା’ ତାରିଣୀ ମନ୍ଦିର ପରିସରରେ ମାଉସୀମା’ ମନ୍ଦିରକୁ ଅଣାଯାଇଥିଲା। ସେହିପରି ସୋର ମ୍ୟୁନିସିପାଲିଟିର ମୋବାରକପୁର, ଗୁଜୁଡ଼ିହା, ଦହିପୁର, ଶରଶଙ୍ଖ, ରାଧାବଲ୍ଲଭପୁର, ମଙ୍ଗଳପୁର, ମାଣିପୁର, ସବିରା ଆଦି ଅଞ୍ଚଳରେ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି।

## ପୁରପଲ୍ଲୀ ଉତ୍ସବମୁଖର

**ରୂପ୍‌ସା, ୪।୭(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଦୁବୁଲାଗଡ଼ି, କଷାଫଳ, ମଛଡ଼ିହା, ନଗ୍ରମ, ଫୁଲାଡ଼ି, ପରିକ୍ଷୀ ସମେତ ରୂପସା ଥାନା ନୂଆଗାଁ, ବାଲିଗୁହିରୀ, ରାଉତପଡ଼ା, ନିଳବାଡ଼ି, ଲଛମନଖୁଣ୍ଟା ଆଦି ସ୍ଥାନରେ ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ଶେଷ ହୋଇଛି। ଆଧାତ୍ମିକ ପରିବେଶରେ ଗ୍ରାମ ଓ ବଜାର ଉତ୍ସବମୁଖର ହୋଇଥିଲା। ଛେରାପହଁରା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଦେବୀ ରଥାରୂଢ଼ ହୋଇଥିଲେ। ଶତାଧିକ ମହିଳା, ପୁରୁଷ ଭକ୍ତ ମହାପ୍ରଭୁଙ୍କଠାରେ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ଭଜନ, କୀର୍ତ୍ତନ, ହୁଳିହୁଳି ସାଙ୍ଗକୁ ଗାଁ ବଡ଼ଦାଣ୍ଡ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲ। ଶେଷରେ ତିନି ଠାକୁର ମାଉସୀ ମା’ ମନ୍ଦିରରେ ପହଞ୍ଚିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିଲା।



ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

## ଆଲଏଜ ପକ୍ଷରୁ ଶ୍ରୀଗୁଣ୍ଡିଚା ଯାତ୍ରା

**ରେମୁଣା, ୪।୭(ଡି.ଏନ.ଏ.):** ରେମୁଣା ବ୍ଲକ ବାଲଗୋପାଳପୁରସ୍ଥିତ ବାଲେଶ୍ୱର ଆଲଏଜ କାରଖାନା ପରିସରରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ପବିତ୍ର ରଥଯାତ୍ରା ମହାସାରୋହରେ ଅନୁଷ୍ଠିତ ହୋଇଛି। ଅପରାହ୍ନ ୫ଟାରେ ଠାକୁରଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ନିଆଯାଇଥିଲା। କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ. ଏନ୍. ନଗେନ୍ଦ୍ର କୁମାର ଛେରାପହଁରା ସମାପନ କରିବା ପରେ ଅପରାହ୍ନ ସାଢ଼େ ୫ଟାରେ ରଥ ଟଣା ଆରମ୍ଭ ହୋଇଥିଲା। କମ୍ପାନୀର କଲୋନୀସ୍ଥିତ ମନ୍ଦିରରୁ କାରଖାନା ମୁଖ୍ୟ ଦ୍ୱାର ନିକଟରେ ଥିବା ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ରଥ ଟଣାଯାଇଥିଲା। ମହିଳାଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ସାଙ୍ଗକୁ ରଥଟଣା ବେଶ ଆକର୍ଷଣୀୟ ହୋଇଥିଲା। କାରଖାନା ଉପସଭାପତି ରାଜୀବ ମହାପାତ୍ର, ସାଧାରଣ ପରିଚାଳକ ତିଳକ ଥାପ୍ପା, ଉପସାଧାରଣ ପରିଚାଳକ ଦ୍ୱିଜରାଜ ଦାସ, ଖଗେନ୍ଦ୍ର ବିନ୍ଧାଣୀ, ଶରଣ ପରିଡା, ଶଶୀଭୂଷଣ ଗ୍ରହାଚାର୍ଯ୍ୟ ଓ କୈଳାସ ମହାକୁଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ବାଲେଶ୍ୱର ଆଲଏଜ କାରଖାନା ପରିସରରେ ରଥ ଟଣାଯାଉଛି।

**ସଂକ୍ଷେପରେ**

## ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ଯୋଡ଼ା, ୪।୭(ଡି.ଏନ.ଏ.)**- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଜାମ ହଟିଂଠାରେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଉକ୍ତ ହଟିଂରେ ରହୁଥିବା ଘାସିରାମ୍ ମୁଣ୍ଡା ତାଙ୍କ ଗାଁକୁ ଶୁଦ୍ଧିକ୍ରିୟାରେ ଯୋଗ ଦେବା ପାଇଁ ଯାଇଥିବା ବେଳେ ଗୁରୁବାର ସକାଳ ସମୟରେ ତାଙ୍କ ପତ୍ନୀ ଗୁରୁବାରୀ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଘରୋଇ କଳହରୁ ଏହା ଘଟିଛି ବୋଲି ପୋଲିସ ସନ୍ଦେହ କରିଛି।

## ଗୋନାସିକାଠାରେ ବନ ମହୋତ୍ସବ ସପ୍ତାହ ପାଳିତ



**କେନ୍ଦୁଝର, ୪।୭ (ସ୍ୱ.ପ୍ର.)** - କେନ୍ଦୁଝର ବନଖଣ୍ଡ ଓ ଜିଲା ପରିବେଶ ସମିତି ଆନୁକୂଲ୍ୟରେ ୭୦ତମ ବନ ମହୋତ୍ସବ ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀଙ୍କ ସଭାପିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଯୋଗଦେଇ ପରିବେଶର ସୁରକ୍ଷା ସହିତ ଏକ ସୁନ୍ଦର, ସବୁଜ ବିଶ୍ୱ ଗଠନ କରିବା ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ଦୈତାରୀ ନାୟକ, ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର ଡିଏଫ୍ଓ ଅଜିତ ଶତପଥି, ୱାର୍କିଂ ପ୍ଲାନ ଡିଏଫଓ ସୁଶିଲ ନାୟକ, କେନ୍ଦୁପତ୍ର ଡିଏଫଓ ପ୍ରଦୀପ କୁମାର ସେଠୀ, ଓଏଫଡିସି ଡିଭିଜନାଲ ମ୍ୟାନେଜର ବିଶ୍ୱରଞ୍ଜନ ରାଉତ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରେକୃଷ୍ଣ ମହା' ପ୍ରମୁଖ ଯୋଗ ଦେଇ ଅବକ୍ଷୟମୁଖୀ କେନ୍ଦୁଝର ଜିଲାର ପରିବେଶର ସୁରକ୍ଷା ପାଇଁ ଜିଲାରେ ବ୍ୟାପକ ବୃକ୍ଷରୋପଣ କରାଯିବା ଜରୁରୀ ବୋଲି କହିଥିଲେ। ଶେଷରେ ଶିକ୍ଷକ ଧନେଶ୍ୱର ମହାନ୍ତଙ୍କ ଦ୍ୱାରା ରଚିତ 'ଜଙ୍ଗଲ ଭ୍ରମଣ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା

## ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ପାଟଣା,୪।୭(ସ୍ୱ.ପ୍ର.)**-କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ତରୀୟ ଜିଲା ଖଣିଜ ପ୍ରତିଷ୍ଠାନ ମେଧାବୃତ୍ତି ପରିକଳ୍ପନା ଯୋଜନାର ମେଧାବୃତ୍ତି ପରୀକ୍ଷା ନିମନ୍ତେ ବ୍ଲକର ସମସ୍ତ ପ୍ରଧାନଶିକ୍ଷକଙ୍କୁ ନେଇ ବୁଧବାର ଅପରାହ୍ନରେ ପାଟଣା ମୁଖ୍ୟାଳୟ ସ୍ଥିତ ଜି ଏନ ହାଇସ୍କୁଲରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜନଜାତି ସଂଯୋଜକ ଦୁର୍ଗା ଲାୟକ, ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଓମାତ ଓ ଏବିଇଓ ନରୋତ୍ତମ ସାହୁ ପ୍ରମୁଖ ଯୋଗ ଦେଇ ଏହି ମେଧାବୃତ୍ତି ପରୀକ୍ଷାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ବିଶ୍ୱାଳ ଓ ଅସନ୍ତୋଷ ନାଏକ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ ଶିକ୍ଷା ବର୍ଷ ୧୯-୨୦ ପାଇଁ ପ୍ରଥମକରି ଅଗଷ୍ଟ ୨୪ରେ ଏହି ମେଧା ବୃତ୍ତି ପରୀକ୍ଷା ତୃତୀୟ, ପଞ୍ଚମ ଓ ୮ମଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇପାରିବେ। ଯେଉଁମାନଙ୍କର କି ପୂର୍ବବର୍ଷ ବିଦ୍ୟାଳୟରେ ଉପସ୍ଥାନ ଶତକଡା ୭୦ ପ୍ରତିଶତ ରହିଥିବ ସେହି ଛାତ୍ରୀଛାତ୍ର ମାନେ ଏହି ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହେବେ। ଜିଲାର ପ୍ରତି ବ୍ଲକରୁ ପ୍ରତ୍ୟକ ଶ୍ରେଣୀରୁ ୧୦ଜଣ ଲେଖାଏଁ ଛାତ୍ରୀଛାତ୍ର ଏହି ବୃତ୍ତି ପାଇବାକୁ ମନୋନୀତ ହେବେ।


ବଡବିଲରେ ଠାକୁର ପହଣ୍ଡି ହେଉଛନ୍ତି।


ଡେଙ୍କିକୋଟରେ ରଥଯାତ୍ରା।


ଯୋଡାରେ ଭକ୍ତମାନେ ଲୌହରଥ ଟାଣୁଛନ୍ତି।


ପାଟଣାରେ ସୁଭଦ୍ରା ରଥକୁ ମହିଳାମାନେ ଟାଣୁଛନ୍ତି।


କେନ୍ଦୁଝରରେ ପିଲାମାନେ ରଥ ଟାଣୁଛନ୍ତି।


ଆନନ୍ଦପୁର : ରଥରେ ଶୋଭା ପାଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି।

# ସବୁଠି ଗଡ଼ିଲା ଶ୍ରୀଜୀଉଙ୍କ ରଥ

## ବିଶ୍ୱର ସର୍ବୋଚ୍ଚ ରଥରେ ଶ୍ରୀ ଜୀଉଙ୍କ ଗୁଣ୍ଡିଚା ଯାତ୍ରା

**କେନ୍ଦୁଝର, ୪।୭ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ଧୁମଧାମରେ ଏବଂ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ପୁରୁଣା ସହରରେ ଏଥିପାଇଁ ଉତ୍ସବ ମୁଖର ହୋଇପଡିଛି। ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ଚାଲି ଆସୁଥିବା ଏହି ରଥଯାତ୍ରା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉନ୍ମାଦନର ସହ ଶେଷ ହୋଇଛି। ଚଳିତ ବର୍ଷ ବିଶ୍ୱର ସର୍ବୋଚ୍ଚ ରଥର ମାନ୍ୟତା ପାଇଥିବା ନନ୍ଦିଘୋଷ ରଥରେ ଶ୍ରୀ ବଳଦେବ, ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଦେଖିବା ପାଇଁ ବହୁ ଭକ୍ତ ଙ୍କ ସମାଗମ ହୋଇଥିଲା । ସକାଳ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା ପରେ ପାରମ୍ପାରିକ ସାଜସଜ୍ଜା କରି ଅପରାହ୍ନରେ ପାରମ୍ପାରିକ ଧାଡି ପହଣ୍ଡିରେ ଶ୍ରୀ ଜୀଉଙ୍କୁ ପହଣ୍ଡିଆ ଓ ସେବାୟତ ମାନେ ରଥାରୁଢ କରିଥିଲେ। ବର୍ଷା ପାଗ ସତ୍ତ୍ୱେ ଆଗ୍ରହର ସହ ଶ୍ରୀ ଜୀଉଙ୍କ ରଥକୁ ହଜାର ହଜାର ଭକ୍ତ ବଡ ଦାଣ୍ଡରେ ଟାଣି ଟାଣି ନେଇଥିଲେ। ମଝି ରାସ୍ତାରେ ପାରମ୍ପାରିକ ଗଳଗଣ୍ଡି ଭୋଗ କରାଯାଇଥିଲା। ରଥଯାତ୍ରା ର ସମସ୍ତ କାମ କୁ ଶାନ୍ତିଶୃଙ୍ଖଳାର ସହ ସୁପରିଚାଳନା ପାଇଁ ଜିଲାପାଳ ଆଶୀଷ ଠାକରେ, ଏସପି ଜେ.ଏନ.ପଙ୍କଜ ତଥା ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ତଥା ବିରୋଧୀଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, କେସିସିବି ସଭାପତି କାନନ ବିହାରୀ ପୋହି, ଉପଜିଲାପାଳ ସୋମନାଥ ପ୍ରଧାନ, ଅତିରିକ୍ତ ଏସପି ମହେନ୍ଦ୍ର ପଟେଲ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସନ୍ତୋଷ ନାୟକ, ଏସଡିପିଓ ପି.ଜେ. ଟପୋ, ଟାଉନଥାନା ଅଧିକାରୀ ସୋମନାଥ ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ । ସରକାର ଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଜନ ସଚେତନତା ପାଇଁ ମଣ୍ଡପ ଖୋଲାଯାଇଥିବା ବେଳେ ସନ୍ଧ୍ୟାରେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନା ବଜାର ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା।

### ରକ୍ତବର୍ଣ୍ଣା ଦେବୀ ସୁଭଦ୍ରା

ସେହିପରି କେନ୍ଦୁଝର ବଳଦେବଜୀଉଙ୍କ ରଥଯାତ୍ରା ଅବସରରେ ଭକ୍ତଙ୍କ ଭିଡ଼ ଲାଗିରହିଥିବା ବେଳେ ଶ୍ରୀ ଜୀଉଙ୍କ କମନୀୟ ମୂର୍ତ୍ତି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ସାନ୍ନିଧ୍ୟ ଲାଭ କରିଥାନ୍ତି। ତେବେ ଏଠାରେ ପୂଜାପାଇ ଆସୁଥିବା ଶ୍ରୀ ଜୀଉଙ୍କ ବିଶେଷତ୍ୱ ଅଲଗା ରହିଛି। ଏଠାରେ ଦେବୀ ସୁଭଦ୍ରା ହେଉଛନ୍ତି ରକ୍ତବର୍ଣ୍ଣା। ଶ୍ରୀକ୍ଷେତ୍ର ପୁରୀ ସମେତ ବିଶ୍ୱରେ ସବୁଠି ଦେବୀ ସୁଭଦ୍ରାଙ୍କ ବର୍ଣ୍ଣ ହଳଦିଆ ଥିବା ବେଳେ ଏଠାରେ ଲାଲ ରକ୍ତବର୍ଣ୍ଣା। ତେବେ ଆଗରୁ ତନ୍ତ୍ର ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିଲା । ଏଣୁ ଏହି ତନ୍ତ୍ରର ପ୍ରଭାବରେ ଦେବୀ ସୁଭଦ୍ରାଙ୍କ ବର୍ଣ୍ଣ ରକ୍ତ ବର୍ଣ୍ଣା ବା ଲାଲ ହୋଇଯାଇଛି ବୋଲି କୁହାଯାଏ।

### ମହାପ୍ରଭୁଙ୍କ ଘୋଷଯାତ୍ରା

**ଚମ୍ପୁଆ, (ଡି.ଏନ.ଏ.)**

ଚମ୍ପୁଆ ବ୍ଲକର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବ୍ଲକର ବହୁ ସ୍ଥାନରେ ଯଥା ରୀତିନୀତି ତଥା ଶ୍ରଦ୍ଧା ଓ ଭକ୍ତିର ସହ ଏହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଶଙ୍ଖ ହୁଳହୁଳି ଓ ଘଣ୍ଟ ବଜାଇ ମାଉସୀ ମା' ମନ୍ଦିରକୁ ସୁସଜ୍ଜିତ ରଥରେ ଭକ୍ତମାନେ ଟାଣି ନେଇଥିଲେ। ସେହିପରି ରିମୁଳି, କାଳିକାପ୍ରସାଦ, ଜଗନ୍ନାଥପୁର, ଭଣ୍ଡା ଆଦି ବିଭିନ୍ନ ସ୍ଥାନରେ ଏହି ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟଠାରେ ଭାରପ୍ରାପ୍ତ ଉପଜିଲାପାଳ ତଥା ତହସିଲଦାର ଆଲୋକ କୁମାର ପଟେଲ ଛେରା ପହଁରା କଲାପରେ ସନ୍ଧ୍ୟା ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଏହିରଥଯାତ୍ରାରେ ବିଭିନ୍ନ ସ୍ଥାନରୁ ପ୍ରାୟ ୧୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷାକରାଯାଇଥିଲା।

### ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି

**ବଡବିଲ, (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲରେ ତିନି ରଥରେ ଶ୍ରୀମନ୍ଦିରରୁ ଠାକୁରମାନେ ରଥାରୁଢ ହୋଇ ତିନୋଟି ସ୍ଥାନରେ ଥିବା ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ସହର ପ୍ରାରମ୍ଭରେ ଥିବା କଲ୍ୟାଣେଶ୍ୱର ମନ୍ଦିର, ସହର ମଧ୍ୟଭାଗରେ ଥିବା ହରିହର ମନ୍ଦିର ଓ ନାଲଦା ରୋଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଠାକୁରମାନେ ଯଥାକ୍ରମେ ଉପକୋଷାଗାର କାର୍ଯ୍ୟାଳୟ ନିକଟସ୍ଥ ଶ୍ରୀଗୁଣ୍ଡିଚା ମନ୍ଦିର, ପିଏଚଡି ଐକ୍ୟକ୍ଷେତ୍ରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ଡାକବଙ୍ଗଳା ଛକନିକଟସ୍ଥ ଶ୍ରୀଗୁଣ୍ଡିଚା ମନ୍ଦିରକୁ ସନ୍ଧ୍ୟାରେ ପହଞ୍ଚିଛନ୍ତି। ରୀତିନୀତି ଅନୁଯାୟୀ ଠାକୁରମାନଙ୍କୁ ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା। ମନ୍ଦିର ପରିଚାଳନା ସମିତିର ସଭାପତିମାନେ ଛେରାପହଁରା କରିବା ପରେ ଉପସ୍ଥିତ ଭକ୍ତ ଓ ଶ୍ରଦ୍ଧାଳୁମାନେ ରଥ ଦଉଡି ସାହାଯ୍ୟରେ ଉତ୍ସାହ ଉଦ୍ଦୀପନାର ସହ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖକୁ ଟାଣି ନେଇଥିଲେ। ଆଇନଶୃଙ୍ଖଳା, ଟ୍ରାଫିକ ସମସ୍ୟା ପରିସ୍ଥିତିକୁ ଆୟତ୍ତ କରିବାକୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଥିଲା।

### ଧାଡ଼ି ପହଣ୍ଡିରେ ବିଜେ ଦଧିବାମନ ଜୀଉ

**ଆନନ୍ଦପୁର, (ସ୍ୱ.ପ୍ର.)**

ଆନନ୍ଦପୁରର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା ଗୁରୁବାର ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମରେ ରଥଟଣା କାର୍ଯ୍ୟ ସମାହିତ ହୋଇଥିଲା। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ସକାଳ ୬ ଘଟିକାରେ ଶୁଭକଳସ, ୯ଟା୧୦ ରୁ ୧୦ଟା୧୦ ପର୍ଯ୍ୟନ୍ତ ମଙ୍ଗଳାର୍ପଣ ଓ ପହଣ୍ଡିବିଜେ କାର୍ଯ୍ୟ ଯଥାବିଧି ଶେଷ ହେବା ପରେ ୧୧ଟା ୪୫ରେ ଛେରାପହଁରା କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପହଣ୍ଡି ସମୟରେ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉପସ୍ଥିତ ଥିବାବେଳେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ରଥଦାଣ୍ଡରେ ଉପସ୍ଥିତ ରହି ଶ୍ରୀ ଜୀଉଙ୍କୁ ଦର୍ଶନ କରିବା ସହିତ ରଥଯାତ୍ରା ପରିଚାଳନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଲକ୍ଷ୍ମୀନାରାୟଣପୁର ଶାସନ, ଆନନ୍ଦପୁର ଶାସନ, ବଳଭଦ୍ରପୁର ଶାସନ ଓ ଦଧିବାମନପୁର ଶାସନର ବ୍ରାହ୍ମଣମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡି ପହଣ୍ଡିରେ ବିଜେ କରାଇ ରଥାରୂଢ କରାଯାଇଥିଲା। ପରିଚ୍ଛା ସୁଦର୍ଶନ ମିଶ୍ର ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ତିନି ଦିଅଁଙ୍କୁ ରଥ ଉପରେ ସାଜସଜ୍ଜା କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହେବା ସହ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିଚାଳକ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଂଯୋଜନାରେ ମନ୍ଦିରର ପୁରୋହିତ ଶରତ ଚନ୍ଦ୍ର ମିଶ୍ର, ମୁଖ୍ୟ ପୂଜାପଣ୍ଡା ବଳଦେବ ରଥ, ସନ୍ତୋଷ କୁମାର ପାଢ଼ୀ, ଜଗବନ୍ଧୁ ଦାଶ, ସୁଆର ଶଙ୍କର୍ଷଣ ମିଶ୍ର ପ୍ରମୁଖ ମନ୍ଦିର ସେବାୟତଙ୍କ ଦ୍ୱାରା ସମସ୍ତ ଦେବ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଆନନ୍ଦପୁର ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥଯାତ୍ରା ପରିଚାଳିତ ହୋଇଥିଲା।

### ଲୁହା ରଥରେ ଗଡ଼ିଲେ ତିନି ଦିଅଁ

**ଯୋଡ଼ା, (ଡି.ଏନ.ଏ.)**

କେନ୍ଦୁଝର ଜିଲାର ଯୋଡା ସହର ଲୁହା ପଥର ଖଣି ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ । ଏହି ଖଣି ଅଞ୍ଚଳରେ ଥିବା ପୂର୍ବ ଯୋଡାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର , ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ରଥାରୁଢ କରାଇ ରଥଯାତ୍ରା ଉତ୍ସବ ପାଳିତ ହୋଇଯାଇଛି । ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କର ପହଣ୍ଡି ବିଜେ ପରେ ୪ଟା୧୦ରେ ଗଜପତି ବେଶରେ ସୁମନ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଛେରା ପହଁରା ହୋଇଥିଲା। ସନ୍ଧ୍ୟା ୫ଟାରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାୟ ୨ କି.ମି. ପଥ ଅତିକ୍ରମ କରି ଚତୁର୍ଦ୍ଧାମୂର୍ତ୍ତି ଲୌହ ନିର୍ମିତ ରଥରେ ରଥାରୁଢ ହୋଇ ମାଉସୀ ମା ଘରେ ପହଞ୍ଚି ଥିଲେ। ଶଙ୍ଖ, ହୁଳହୁଳି, ସଂକୀର୍ତନ ଓ ଘୋଷିକାଙ୍କ ପ୍ରବଚନରେ ଶ୍ରଦ୍ଧାଳୁ ମାନେ ଭକ୍ତିରେ ବିମୋହିତ ହୋଇଯାଇଥିଲେ। ଯୋଡା ବ୍ଲକର କମଳପୁର, ବାମେବାରୀ, ବିଚାକୁଣ୍ଡି ଓ ଦେଓଝର ଆନନ୍ଦ ବଜାରଠାରେ ମଧ୍ୟ ଘୋଷଯାତ୍ରା ପାଳିତ ହୋଇଯାଇଛି।

### ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ

**ପାଟଣା,(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଅଞ୍ଚଳର ବିଭିନ୍ନ ସ୍ଥାନରେ ଦାରୁଦିଅଁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ରାଜନଗରସ୍ଥିତ ପ୍ରସିଦ୍ଧ ଦଧିବାମନଜୀଉଙ୍କ ରଥରେ ପରିଚ୍ଛା ଦୁର୍ଯ୍ୟୋଧନ ମିଶ୍ର ଓ ମଲ୍ଲୀପଶିରେ ରାଜା ରବିନାରାୟଣ ସିଂ ଛେରା ପହଁରା କରିଥିଲେ। ମଲ୍ଲୀପଶିର ସୁଭଦ୍ରା ଙ୍କ ରଥ କୁ ଟାଣିବା ପାଇଁ ମହିଳାଙ୍କ ମଧ୍ୟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଅନୁରୂପ ଭାବେ ସରାସ କୋଲାରେ ଜଙ୍ଗେଶ୍ୱର ଭଞ୍ଜ, ଡୁମୁରିଆରେ ପ୍ରଶାନ୍ତ କୁମାର ଭଞ୍ଜ ଓ ଟାଙ୍ଗରପଡା ରଥଯାତ୍ରାରେ ବିଜୟ କୁମାର ଭଞ୍ଜ ଛେରା ପହଁରା କରିଥିଲେ। ସେହି ଉଦୟପୁର ଓ କୁଣ୍ଡଳାରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ରଥଯାତ୍ରା ପାଳିତ ହୋଇଛି। ରାଜନଗରରେ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁ ଓ ତୁରୁମୁଙ୍ଗା ପୋଲିସ ଏବଂ ମଲ୍ଲୀପଶିରେ ରଥ କମିଟିର ପାର୍ଥସାରଥୀ ବେଜ, ନବକିଶୋର ରଣା ଓ ପାଟଣା ପୋଲିସ ପକ୍ଷରୁ ଥାନାଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ ନେତୃତ୍ୱରେ ରଥ ଯାତ୍ରା ପରିଚାଳନା ସହ ଶୃଙ୍ଖଳା ରକ୍ଷା କରାଯାଇଥିଲା।

## କାର୍ଯ୍ୟରେ ଅବହେଳା: ୨କର୍ମଚାରୀ ନିଲମ୍ବିତ

■ ୭କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି

**ପାଟଣା,୪।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ସଭା ଗୃହରେ ବୁଧବାର ଅପରାହ୍ନ ରେ କେନ୍ଦୁଝର ଜିଲା ପାଳ ଆଶିଷ ଠାକରେ ବର୍ଷ ୨୦୧୯-୨୦ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା କରିଥିଲେ। ଏଥିପାଇଁ ଦାୟୀ ଓ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ବ୍ଲକର ୨କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବିତ କର୍ମଚାରୀ ହେଉଛନ୍ତି ବାଉଁଶୁଳୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ନାଏକ, ଅଖିରେଇଟାଙ୍ଗିରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲାଲ ମୋହନ ନାଏକ। ମୋଟ ୭ଜଣ କର୍ମଚାରୀଙ୍କ ବିରୋଧରେ କାରଣଦର୍ଶାଅ ନୋଟିସ ଜାରି କରିବାକୁ ଜିଲାପାଳ ପାଟଣା ବିଡିଓ ପ୍ରଫୁଲ୍ଲ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରୋଗୀମୃତ୍ୟୁ ନେଇ ଚିକିତ୍ସାଳୟରେ ଉତ୍ତେଜନା

**ଚମ୍ପୁଆ, ୪।୭(ଡି.ଏନ.ଏ)**

ମୟୂରଭଞ୍ଜ ଅଞ୍ଚଳର ଏକ ରୋଗୀଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଅବହେଳାପରେ ଜିଲା ଚିକିତ୍ସାଳୟରେ ମୃତ୍ୟୁବରଣ କାରଣରୁ ଚମ୍ପୁଆ ଡାକ୍ତରଖାନାରେ ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ରୋଗୀ ସମ୍ପର୍କୀୟମାନେ ଏନେଇ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ କୁଶଧର ଗିରୀ ନାମକ ଜଣେ ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ଅବହେଳା ପାଇଁ ଉତ୍ତେଜନା ହୋଇଥିଲା। ତାଙ୍କୁ ବୁଧବାର ରାତି ସାଢେ ୧୦ଟାରେ ମୟୂରଭଞ୍ଜ ଜିଲାର ନଗସରା ଅଞ୍ଚଳରୁ ଅସୁସ୍ଥ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ଆଡମିଶନ କରିବା ସହିତ ସାଲାଇନ ଦେଇ ରେଷ୍ଟରୁମକୁ ପଳାଇଥିଲେ। ତାଙ୍କ ଅବସ୍ଥାରେ ଉନ୍ନତି ନ ଆସିବାରୁ ଡାକ୍ତରଖାନାରେ ଥିବା ସିକ୍ୟୁରିଟି ଡାକ୍ତରଙ୍କୁ ଡାକିବାରୁ ଏହା ଏକ ମେଡିସିନ କେଶ ହେତୁ ମେଡିସିନ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ଡାକିବାକୁ କହିଲେ। ବିଳମ୍ବରେ ଡାକ୍ତର ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଫଳରେ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଗୁରୁବାର ସକାଳେ ରୋଗୀଙ୍କ ସମ୍ପର୍କୀୟମାନେ ଦାୟିତ୍ୱରେ ଥିବା ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ବଚସା ହୋଇଥିଲା। ସମ୍ପୃକ୍ତ ଡାକ୍ତରଙ୍କୁ ପଚାରିବାରୁ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା ବୋଲି ସେ କହିଥିଲେ।

## ଘର ଭାଙ୍ଗିଲା ଦନ୍ତାହାତୀ

**ଝୁମ୍ପୁରା, ୪।୭(ଡି.ଏନ.ଏ.)**

କେନ୍ଦୁଝର ଜିଲାର ବାମେବାରୀ ଫରେଷ୍ଟ ଏବଂ ଅର ଫରେଷ୍ଟ ଅଞ୍ଚଳରେ ୨ଦିନ ହେବ ଏକ ଗୋଠଛଡା ଦନ୍ତାହାତୀ ଆତଙ୍କ ଖେଳାଇଛି। ଜଙ୍ଗଲ ପାର୍ଶ୍ୱ ଏବଂ ବୈତରଣୀ ନଦୀ ପାର୍ଶ୍ୱରେ ରହିଥିବା ଗ୍ରାମବାସୀ ହାତୀ ଆତଙ୍କ ଯୋଗୁ ଭୟଭୀତ ରହୁଛନ୍ତି। ଭୂୟାଁ, ଜୁଆଙ୍ଗ ପୀଢ ବନ ଉପଖଣ୍ଡର ଅର ଫରେଷ୍ଟ ଅନ୍ତର୍ଗତ କେନ୍ଦୁଘାଟି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଚିତୁ ମୁଣ୍ଡା ଏବଂ ସମାର ମୁଣ୍ଡାଙ୍କର ଘର ଉକ୍ତ ହାତୀ ଭାଙ୍ଗି ଦେଇଛି। ଏହା ସହିତ ଗ୍ରାମବାସୀଙ୍କର ବହୁ ପରିମାଣରେ ବାଡି ବଗିଚା ନଷ୍ଟ କରିଛି। ଗାଁକୁ ରାସ୍ତା ନ ଥିବାରୁ ବୋଧହୁଏ ବନ କର୍ମଚାରୀମାନେ ଗାଁକୁ ଆସୁ ନ ଥିବା ପୂର୍ବତନ ସରପଞ୍ଚ ଗୋବିନ୍ଦ ଦେହୁରୀ କହିଛନ୍ତି। ବୁଧବାର ୨ଜଣ ଆଦିବାସୀ ପ୍ରଜାଙ୍କର ଘର ଭାଙ୍ଗିଥିବାବେଳେ ଫୋନ ଯୋଗେ ସୂଚନା ଦିଆଯିବା ପରେ ମଧ୍ୟ କୌଣସି ବନ କର୍ମଚାରୀ ମଧ୍ୟାହ୍ନ ପର୍ଯ୍ୟନ୍ତ ଗାଁକୁ ପହଞ୍ଚି ନ ଥିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପଚାରିବାରୁ କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି ଯେ, ସୂଚନା ମିଳିଛି, ବନ କର୍ମଚାରୀଙ୍କୁ କୁହାଯାଇଛି। ସେମାନେ ଗାଁକୁ ଯାଇ ଗ୍ରାମବାସୀଙ୍କ ହାତୀ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିବେ।

## ପରିଣତ ବୟସରେ ବି ସକ୍ଷମ

**କେନ୍ଦୁଝର, ୪।୭(ସ୍ୱ.ପ୍ର.)**


ପରିଣତ ବୟସ ହେଲେ ବି ଖଲି ପ୍ରସ୍ତୁତ କରୁଛନ୍ତି।

ଯେଉଁ ବୟସରେ ନାତିନାତୁଣୀଙ୍କ ସହ ଖେଳାବୁଲା କରିବା କଥା ଓ ଘରେ ବିଶ୍ରାମ କରିବା କଥା ସେହି ବୟସରେ ବାଂଶପାଳ ବ୍ଲକ ଅନ୍ତର୍ଗତ ଠାକୁରଡିହି ଗ୍ରାମର ଭୂୟାଁ ଆଦିବାସୀ ସମ୍ପ୍ରଦାୟର ବୃଦ୍ଧା ମାନେ ରୋଜଗାର ପାଇଁ ସହରକୁ ଆସିଥାନ୍ତି। ଆର୍ଥିକ ଅନାଟନରେ ରହୁଥିବା ପରିବାରକୁ ସହାୟତା କରିବା ସହ ନିଜର ଆବଶ୍ୟକତା ଦୂର କରିବାକୁ ୭୦ ବର୍ଷ ବୟସରେ ସେମାନେ କାମ କରୁଛନ୍ତି।

ସେମାନେ କୁହନ୍ତି ଯେ, ପ୍ରତ୍ୟେକ ଦିନ ଏକାଠି ପାଖ ଜଙ୍ଗଲକୁ ଯାଇ ଶାଳ ପତ୍ର ସଂଗ୍ରହ କରନ୍ତି। ସଂଗୃହୀତ ଶାଳପତ୍ରକୁ ବୋହି ପର ଦିନ ସକାଳୁ କେନ୍ଦୁଝର ସହରକୁ ଆସି ବିକ୍ରି କରିଥାନ୍ତି। ଖରା ଓ ବର୍ଷାକୁ ଭ୍ରୁକ୍ଷେପ ନାହିଁ । ଘରେ ବସି କଣ କରିବୁ । ଏଣୁ କାମ କରି ଦୁଇ ପଇସା ରୋଜଗାର କରୁଥିବା କୁହନ୍ତି। ଆଗରୁ ପାଦରେ ଚାଲି ଚାଲି ଆସୁଥିଲେ କିନ୍ତୁ ଏବେ ଗାଡିରେ ଆସୁଥିବା କୁହନ୍ତି। ପତ୍ର ବିକିବା ସହ ଏଠାରେ ବସି ବେପାରିଙ୍କ ବରାଦ ମୁତାବକ ପତ୍ରକୁ ଟିପି ଖଲି ଓ ଚଉତି ପ୍ରସ୍ତୁତ କରିଥାନ୍ତି। ସେଥିରୁ ମଧ୍ୟ କିଛି ପଇସା ମିଳିଯାଏ । ସପ୍ତାହରେ ୨/୩ ଥର ଆସିଥାନ୍ତି। ଯିବା ଆସିବା ଗାଡି ଭଡା କଲେ ୪୦ ଟଙ୍କା ଖର୍ଚ୍ଚ କରିଥାନ୍ତି। ପତ୍ର ବାବଦକୁ ଓ ଖଲି ପ୍ରସ୍ତୁତ ବାବଦକୁ ମିଶାଇ ସମୁଦାୟ ୧୦୦ ରୁ ୧୫୦ ଟଙ୍କା ପାଇଥାନ୍ତି ବୋଲି ରାଧି ପଢିଆରୀ କହିଛନ୍ତି। କେନ୍ଦୁଝରର ସହରର ଦୋକାନ ବାରଣ୍ଡାରେ ବା ରାସ୍ତା କଡ଼ରେ ବସି ପତ୍ରକୁ ଟିପି ଖଲି ଓ ଚଉତି ଆଦି ପ୍ରସ୍ତୁତ କରିଥାନ୍ତି। ଏହି ପରିଣତ ବୟସରେ ଏକାଠି ବସି ହସ ଖୁସି ତଥା ଉଲ୍ଲାସ ମନରେ ଖଲି ଓ ଚଉତି ପ୍ରସ୍ତୁତ କରିବା ଚିତ୍ର ଅନେକଙ୍କୁ ଆକୃଷ୍ଟ କରିଥାଏ। ଏପରିକି ସେମାନଙ୍କ କାମ ଅନେକ ଙ୍କ ପାଇ ଦୃଷ୍ଟାନ୍ତ ସାଜିଛନ୍ତି। ଘରେ ପୁଅ ଓ ବୋହୁ ତଥା ନାତିନାତୁଣୀ ଅଛନ୍ତି। ମହଙ୍ଗା ଯୁଗରେ ସେମାନେ ଚଳିବା କଷ୍ଟକର ହୋଇପଡୁଛି। ଏଣୁ ଖୁସି ମନରେ ଦୁଇ ପଇସା ରୋଜଗାର କରି ପରିବାର ଚଳାଇବାରେ ସହାୟତା କରିବା ସହ ନିଜର ଆବଶ୍ୟକତା ଦୂର କରିଥାଉ ବୋଲି ଖତି ପଢିହାର କହିଛନ୍ତି।

ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ ସେଥିରେ ଚଳି ପାରୁ ନ ଥିବାରୁ ପତ୍ର ବିକି ଚଳୁଥିବା କହିଛନ୍ତି। କାମଧନ୍ଦା କରୁଥିବାରୁ ସେମାନେ ସୁସ୍ଥ ରହୁଛନ୍ତି ଏବଂ ଚଲାବୁଲା କରିପାରୁଛନ୍ତି। ଘର ଖଣ୍ଡେ ମିଳିନାହିଁ। ରାଶନ କାର୍ଡ ଅଛି ଯେ ଚାଉଳ କିଣିବାକୁ ପଇସା ନାହିଁ। ସେମାନଙ୍କୁ ଘର ଯୋଗାଇଦେଲେ ସେମାନେ ଭଲରେ ରହିପାରନ୍ତେ ବୋଲି ମୁଗ ମନ୍ତ୍ରୀ କହିଛନ୍ତି। ପତ୍ର ବିଡା ୫ ଟଙ୍କାରେ ବେପାରୀଙ୍କୁ ବିକନ୍ତି। କିନ୍ତୁ ବେପାରୀ ଏହାକୁ ୧୦ ଟଙ୍କାରେ ବିକି ଅଧିକ ଲାଭବାନ ହେଉଛନ୍ତି। ଏଣୁ ସେମାନଙ୍କ ପାଇଁ ଖଲି, ଚଉତି ଆଦି ପ୍ରସ୍ତୁତ କରିବା ପାଇଁ ସହାୟତା କରିବା ସହ ବିକ୍ରି କରିବା ପାଇଁ ବ୍ୟବସ୍ଥା କଲେ ସେମାନେ ଅଧିକ ଉପକୃତ ହୋଇ ପାରନ୍ତେ ବୋଲି ମତପ୍ରକାଶ ପାଉଛି ।

## ସଂକ୍ଷେପରେ

### ଦାରୁଦିଅଁଙ୍କ ଘୋଷଯାତ୍ରା

ତେଲକୋଇ, ୪।୭(ଡି.ଏନ.ଏ.)- ତେଲକୋଇ ମୁଖ୍ୟାଳୟରେ ପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ନୀତି ନିୟମରେ ଆରମ୍ଭ କରାଯାଇଛି। ଏହି ଘୋଷ ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଛି । ସାଧୁ, ସନ୍ଥ, ସଂକୀର୍ତ୍ତନ ମଣ୍ଡଳୀ ଗହଣରେ ଭଜନ କୀର୍ତ୍ତନରେ ଭକ୍ତ ମାନେ ରଥ ଦଉଡି ଟାଣିଥିଲେ। ସକାଳ ପୂଜା ପରେ ପହଣ୍ଡି ବିଜେ ,ଛେରା ପହଁରା ସମ୍ପନ୍ନ ପରେ ଦାରୁ ଦିଅଙ୍କ ରଥଟଣା ଆରମ୍ଭ କରାଯାଇଥିଲା। ବର୍ଷା ସତ୍ତ୍ୱେ ଭକ୍ତଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଥିଲା। ଭକ୍ତମାନଙ୍କ ସୁରକ୍ଷା, ଅନ୍ନଭୋଗ, ପାନୀୟଜଳ ବ୍ୟବସ୍ଥା ଶ୍ରୀ ଜଗନ୍ନାଥ କମିଟି ପକ୍ଷରୁ କରାଯାଇଥିଲା। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯିବା ସହିତ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସେହିପରି ଏହି ଅଞ୍ଚଳରେ ଆକୁଳ, ପଡାଙ୍ଗ, କାଳିଆହତାଠାରେ ଉତ୍ସାହର ସହିତ ରଥଯାତ୍ରା ଅନୁଷ୍ଠିତ କରାଯାଇଛି।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂର୍ଣ୍ଣାହୁତି

ଭଣ୍ଡାରିପୋଖରୀ, ୪।୭ (ଡି.ଏନ.ଏ.) - ଭଣ୍ଡାରିପୋଖରୀ ବ୍ଲକ ମଜୁରିଗଡ଼ିଆ ଗ୍ରାମଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ କଳ୍ପନା ଜେନା ଓ ତାପସ ଜେନା ପୂର୍ଣ୍ଣାହୁତି ଦେଇ ଯଜ୍ଞ ସମାପନ କରିଥିଲେ। ପୂଜକ ଶ୍ରୀକାନ୍ତ ପଣ୍ଡା, ପର୍ଶୁରାମ ମିଶ୍ର, ଚନ୍ଦ୍ରମଣି ପାଣିଗ୍ରାହୀ, ଦୁଃଖୀରାମ ପତିଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୀତା ମହାସିଦ୍ଧ ଆଦି ଅନୁଷ୍ଠିତ ହୋଇଥିଲା। ଅଶୋକ ନାୟକ, ପ୍ରଦ୍ୟୁମ୍ନ ଜେନାଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବରେ ପୀତାମ୍ବର ମହାପାତ୍ର, ମୁକ୍ତିକାନ୍ତ ଜେନା, ଗୟାଧର ବାରିକ, ଯୁଧିଷ୍ଠିର ସେନାପତି, ଦିଲୀପ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ବିଜୟ ମହାନ୍ତି, ବିଷ୍ଣୁ ବାରିକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ମଜୁରିଗଡିଆ, ପାହିମହୁରା, ରାଜେନ୍ଦ୍ରପୁର, କହରାପୋଖରୀ, ଗୁହାଳିଆ ପିରିପୁର ଆଦି ଗ୍ରାମର ଲୋକେ ମନ୍ଦିର ନିର୍ମାଣରେ ସହାୟତା କରିଥିଲେ।

### ରନ୍ଧାମଦ ଜବତ, ୨ ଗିରଫ

ଆସିକା,୪।୭ (ଡି.ଏନ୍.ଏ.): ଆସିକା ଥାନା ବାଲିସିରା ଗ୍ରାମରୁ ପୋଲିସ ବୁଧବାର ରାତିରେ ୪୫ ଲିଟର ରନ୍ଧାମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗାଙ୍ଗପୁର ଥାନା ଖଣ୍ଡରାବଳି ଗ୍ରାମର ଟୁକୁନା ନାୟକ ଓ କଳାସୂତା ଗ୍ରାମର ଧୋବା ବେହେରା । ଟୁକୁନା ୨୫ ଲିଟର ଓ ଧୋବା ୨୦ ଲିଟର ମଦ ନେଇ ବିକ୍ରି କରିବାକୁ ଯାଉଥିବା ବେଳେ ପୋଲିସ ହାବୁଡରେ ପଡିଥିଲେ । ଏ ନେଇ ଆସିକା ଥାନାରେ ପୃଥକ ୨ଟି ମାମଲା ରୁଜୁ ହୋଇଥିଲା।

### ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧୋତ୍ସବ

**ଭଣ୍ଡାରିପୋଖରୀ, ୪।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଗ୍ରାମର ଶିକ୍ଷାବିତ୍ ତଥା ଶିକ୍ଷକଗୌରବ ସ୍ୱର୍ଗତ ଘନଶ୍ୟାମ ନାୟକଙ୍କ ୩ୟ ବାର୍ଷିକ ଶ୍ରାଦ୍ଧୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ନାଟ୍ୟକାର ସୁଧାକର ନନ୍ଦ, ପୂର୍ବତନ ବିଧାୟକ ରଥ ଦାସ, ନରନାରାୟଣ ଜେନା, ଲକ୍ଷ୍ମୀଧର ନାୟକ, ରଘୁନାଥ ପଣ୍ଡା, ଭଦ୍ରକ ରୋଟାରୀ କ୍ଲବ ସମ୍ପାଦକ ସନ୍ତୋଷ କୁମାର ନାୟକ, ଦେବେନ୍ଦ୍ର ଦାସ, ଅକ୍ଷୟ ସ୍ୱାଇଁ, ଜୟନ୍ତ କ୍ଷେଣ୍ଟ, ଗିରୀଶ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ତାଙ୍କର ଶିକ୍ଷକ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱର୍ଗତ ନାୟକଙ୍କ ପିତା ସ୍ୱାଧୀନତା ସଂଗ୍ରାମୀ ଥିଲେ। ପିତାଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାକୁ ଯାଇ ଘନଶ୍ୟାମ କଲିକତାରୁ ଉଚ୍ଚଶିକ୍ଷା ଲାଭ କରି ଶିକ୍ଷକତାକୁ ନିଜର ବୃତ୍ତି ଭାବେ ଆଦରି ନେଇଥିଲେ ବୋଲି କୁହାଯାଇଥିଲା।

### ଭାଜପା ସଭାପତିଙ୍କ ମାତୃ ବିୟୋଗ

**ବନ୍ତ, ୪।୭ (ଡି.ଏନ.ଏ.):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତର ଭାଜପା ସଭାପତି ସୁଦର୍ଶନ ଦାସଙ୍କ ମା' ବଗଦା-କାଶିପୁର ଗ୍ରାମର ଦୁଃଖି ଦାସ(୮୩)ଙ୍କର ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଭକ୍ତ-ଭଗବାନ ଏକାକାର



ରଥଟଣା ପୂର୍ବରୁ ଛେରାପହଁରା କରାଯାଉଛି।

ଠାକୁରମୁଣ୍ଡା,୪।୭(ଡି.ଏନ.ଏ)-

ଠାକୁରମୁଣ୍ଡାର ୬ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭକ୍ତଙ୍କ ସହ ଭଗବାନ ଏକାକାର ହେବା ଦୃଶ୍ୟ ମନୋରମ ଥିଲା। ଠାକୁରମୁଣ୍ଡା, ଦିଗଧର, ବୋରିଂ, ପତ୍ରପଡା, କେଶଡିହା, ଖମଡ଼ିହା ପ୍ରଭୃତି ସ୍ଥାନରେ ରଥ ଟଣା ଯାଇ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିଥିବା ବେଳେ ଠାକୁରମୁଣ୍ଡା ରଥ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅଟକି ଥିଲା। ଠାକୁରମୁଣ୍ଡା ରଥଯାତ୍ରାରେ ରଥ କମିଟିର ସଭାପତି ତଥା କରଞ୍ଜିଆ ଉପଜିଲାପାଳ ଶରତ କୁମାର ପୁରୋହିତ ଛେରାପହଁରା କରିଥିଲେ। ୩ ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ୫ଟା ବେଳେ ରଥଟଣା ଯାଇଥିଲା। ରଥ କମିଟିର ସଦସ୍ୟ ତହସିଲଦାର ପ୍ରଦ୍ୟୁମ୍ନ ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପାଧ୍ୟକ୍ଷା ଜବାମଣି ଟୁଡୁ, ବସନ୍ତ କୁମାର ପୈବର୍ତ୍ତୀ ତଥା ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ସରକାରଙ୍କ ଦ୍ୱାରା ପରିଚାଳିତ ଦିଗଧର ମଠର ଦଧିବାମନ ଓ ପତିତପାବନଙ୍କୁ ଛେରା ପହଁରା ପରେ ରଥାରୂଢ଼ କରାଯାଇଥିଲା। ରଥ ଟଣା ଦେଖିବାକୁ ଉଭୟ ସ୍ଥାନରେ ପ୍ରବଳ ଜନ ସମାଗମ ହୋଇଥିଲା। ଠାକୁରମୁଣ୍ଡା ଓ ମହୁଲଡ଼ିହା ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ସାନ୍ତାଳୀ ପରମ୍ପରାରେ ରଥଯାତ୍ରା

ଖୁଣ୍ଟା,୪।୭(ଡି.ଏନ.ଏ)-

ଗୋପବନ୍ଧୁନଗର ବ୍ଲକ ଅଧୀନ ଟୁଙ୍ଗାଦୁଆ ଗ୍ରାମରେ ଜଗାକାଳିଆ ପୂଜା କମିଟି ପକ୍ଷରୁ ସାନ୍ତାଳୀ ପରମ୍ପରାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜକ ସମନାଥ ମାର୍ଣ୍ଡି ଗୁରୁବାର ପୂର୍ବାହ୍ନରେ ସାନ୍ତାଳୀ ବିଧିମତେ ପୂଜାର୍ଚ୍ଚନା କରିବା ସହିତ ୩ ଠାକୁରଙ୍କୁ ପହଣ୍ଡି ବିଜେ କରାଇ ରଥାରୂଢ଼ କରିଥିଲେ। ଅପରାହ୍ନରେ ହୁଲୁ ବାବା ଛେରାପହଁରା କରିବା ପରେ ଶ୍ରଦ୍ଧାଳୁ ମାନେ ମିଳିତ ଭାବେ ଶଙ୍ଖ ହୁଳହୁଳି ଓ ପାରମ୍ପରିକ ବାଦ୍ୟର ତଳେତାଳେ ତିନି ଠାକୁରଙ୍କ ରଥକୁ ୧ କି.ମି ଦୂର ହୁଡିସାହି ସ୍ଥିତ ମାଉସୀ ମା' ମନ୍ଦିର ନିକଟକୁ ଟାଣି ନେଇଥିଲେ। ରଥାରୂଢ଼ ଠାକୁରଙ୍କ ପୂଜକ ଜିଠୁ ବାବା ଶ୍ରଦ୍ଧାଳୁମାନଙ୍କର ଭୋଗ ଲାଗି କରିଥିଲେ। କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଉଦ୍ଦେଶ୍ୟରେ ରଥ ଉପରୁ ଲଡୁ ଭୋଗ ଫିଙ୍ଗା ଯାଇଥିଲା। ଅର୍ଜୁନ ମାର୍ଣ୍ଡିଙ୍କ ତତ୍ତ୍ୱାବଧାନରେ କମିଟିର ସଭାପତି କହ୍ନେଇ ଲାଲ ମାର୍ଣ୍ଡି ଓ ସଂପାଦକ ହେମେନ୍ଦ୍ର ସରେନ ରଥଯାତ୍ରାକୁ ପରିଚାଳନା କରିଥିଲେ ।

# ଅଧାବାଟରେ ଅଟକିଲା ରାଇରଙ୍ଗପୁର ରଥ

ରାଇରଙ୍ଗପୁର,୪।୭(ଡି.ଏନ୍.ଏ.):



ଅଧାବାଟରେ ଅଟକି ରହିଥିବା ରଥ।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରଠାରେ ଗୁରୁବାର ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପ୍ରଭୁ ସୁଦର୍ଶନ, ମହାପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ବଡ଼ଠାକୁର ବଳଭଦ୍ରଙ୍କ ନିକଟରେ ମଙ୍ଗଳଆଳତୀ, ରୋଷ ହୋମ, ଅବକାଶ, ଦ୍ୱାରପାଳ ପୂଜା ଓ ରଥ ପ୍ରତିଷ୍ଠା ପରେ ଠାକୁର ରଥାରୁଢ଼ ହୋଇଥିଲେ। ଅପରାହ୍ନ ୪ଟା ବେଳେ ରଥାରୁଢ଼ ଚତୁର୍ଦ୍ଧା ବିଗ୍ରହଙ୍କ ନିକଟରେ ସ୍ଥାନୀୟ ଉପଜିଲାପାଳ ତଥା ମନ୍ଦିର କମିଟି ଅଧ୍ୟକ୍ଷ ଧର୍ମାନନ୍ଦ ବେହେରା ଛେରା ପହଁରା କରିବା ପରେ ରଥଟଣା ହୋଇଥିଲା। ପ୍ରଥମ ଦିବସରେ ରଥ ଟଣା ହୋଇ ନିଶାମଣି ହୋଟେଲ ସମ୍ମୁଖରେ ଅଟକି ରହିଥିଲା। ଶୁକ୍ରବାର ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀକୁ ରଥ ଟଣା ହେବ ବୋଲି ଜଣାଯାଇଛି। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ଏବଂ ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଇଛି। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ରଥଯାତ୍ରା କମିଟିର ଅଧ୍ୟକ୍ଷ ତଥା ବିଧାୟକ ନବଚରଣ ମାଝୀ ଯୋଗଦେଇଥିଲେ। ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ, ପାନୀୟଜଳ ଏବଂ ସର୍ବତ ବଣ୍ଟାଯାଇଥିଲା।

# ଜୟ ଜଗନ୍ନାଥ ଧ୍ୱନିରେ ବାଙ୍ଗିରିପୋଷି କମ୍ପିଲା

ବାଙ୍ଗିରିପୋଷି,୪।୭(ଡି.ଏନ.ଏ):

ପ୍ରବଳ ଉତ୍ସାହ ଏବଂ ଆନନ୍ଦ ଉଲ୍ଲାସ ସହ ଜୟଜଗନ୍ନାଥ ଧ୍ୱନିରେ ବାଙ୍ଗିରିପୋଷି ସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଥମ ଦିନର ରଥଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଛି । ସକାଳୁଆ ବର୍ଷା ପାଗ ପରେ ଅପରାହ୍ନରେ ପାଗ ଅନୁକୂଳ ଥିବା ଯୋଗୁଁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ରଥ ଟଣାରେ ସାମିଲ ହୋଇ ଥିଲେ । ଅପରାହ୍ନ ୪ ଟା ସମୟରେ ତିନି ଠାକୁର ଓ ସୁଦର୍ଶନଙ୍କୁ ପାରମ୍ପରିକ ଦେବନୀତି ସମାପନ ପରେ ପହଣ୍ଡି କରାଯାଇ ରଥ ଉପରକୁ ଅଣା ଯାଇଥିଲା । ମହାପ୍ରଭୁଙ୍କ ପ୍ରମୁଖ ଭକ୍ତ ତଥା ସେବକ ସଞ୍ଜୟ କୁମାର ଅଗରୱାଲଙ୍କ ଦ୍ୱାରା ଛେରା ପହଁରା ପରେ ଅପରାହ୍ନ ପ୍ରାୟ ୫ଟା ବେଳେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଚଳିତ ପ୍ରଥା ଅନୁଯାୟୀ ଗୁରୁବାର ରଥକୁ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମନ୍ଦିର ପର୍ଯ୍ୟନ୍ତ ଟଣା ଯାଇଥିଲା । ଅସନ୍ତାକାଲି ଏହା ଜାତୀୟ ରଜପଥ ସନ୍ନିକଟ ଦୋଳ ଗୋବିନ୍ଦ ଜୀଉ ମନ୍ଦିର ନିକଟକୁ ଟଣା ହୋଇଯିବ ବୋଲି ଜଣାପଡିଛି। ରଥଟଣା ସମୟରେ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ସେହିପରି ଯୁବଗୋଷ୍ଠୀ ଦ୍ୱାରା ମୁଣ୍ଡରେ ଜଗନ୍ନାଥ ପଟି ଲଗାଇ ବାଦ୍ୟର ତାଳେ ତାଳେ ନୃତ୍ୟ କରିବାର ଦୃଶ୍ୟ ଅତ୍ୟନ୍ତ ମନହୋର ଥିଲା । ବାଙ୍ଗିରିପୋଷି ଥାନା ଆଇଆଇସି ଚନ୍ଦନ କୁମାର ଘଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ପ୍ରଶାସନ, ଦମକଳ ବହିନୀ ଓ ବିଦ୍ୟୁତ ବିଭାଗ ତରଫରୁ ବ୍ୟାପକ ପ୍ରସ୍ତୁତି ଓ ସହାୟତା ମିଳିଥିଲା। । ରଥଯାତ୍ରା ଉପଲକ୍ଷେ ଦୁର୍ଗାପଡିଆରେ ମୀନା ବଜାର ଲାଗିଥିବା ଯୋଗୁଁ ଜନ ସମାଗମ ବୃଦ୍ଧି ପାଇବା ଆଶଙ୍କା କରାଯାଇଛି।



ଭକ୍ତମାନେ ରଥ ଟାଣୁଛନ୍ତି।

# ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ

## ରାଢ଼ୋ କେଜିବିଭି ବିଦ୍ୟାଳୟରେ ବନ ମହୋତ୍ସବ



ବନ ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଉଦଳା,୪।୭(ଡି.ଏନ.ଏ)-

ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବୁଧବାର ଉଦଳା ବ୍ଲକ ରାଢ଼ୋ ପଞ୍ଚାୟତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ୟୁଜିଏମ୍‌ଇ ଆନୁକୂଲ୍ୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସଙ୍ଗୀତ ଶିକ୍ଷକ ବିଶ୍ୱନାଥ ପଣ୍ଡା, ରଶ୍ମିତା ସାମଲ, ପୂର୍ବତନ ସିଆରସିସି ସୁଧାଂଶୁ ବେହେରା, ପ୍ରମୋଦ ସାହୁ, ବନସ୍ୱତୀ ସିଂଙ୍କ ପରିଚାଳନାରେ ବୃକ୍ଷରୋପଣ ପାଇଁ ସଚେତନତାମୂଳକ ସ୍ଲୋଗାନ ଦେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରାଢ଼ୋ ଗ୍ରାମରେ ପ୍ରଭାତଫେରି କରାଯାଇଥିଲା । ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଏଥିରେ ସହକାରୀ ଜିଲାପାଳ ଗୌରହରି ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବିଆରସିସି ଚିନ୍ତାମଣି ପାତ୍ର, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ଚୌଧୁରୀ, ସିଆରସିସି ପ୍ରଭାତ ଶଙ୍ଖୁଆ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ ବୋଲି କହିଥିଲେ । ସଭା ପ୍ରାରମ୍ଭରେ ବୃକ୍ଷରୋପଣ ସଚେତନତା ନେଇ ସମସ୍ତେ ଶପଥ ପାଠ କରିଥିଲେ । ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ପାକ୍ଷିକ ପତ୍ରିକା 'ସକାଳ ପ୍ରଭା'ର ସ୍ୱନକ୍ଷତ୍ର

କେନ୍ଦୁଝର, ୪।୭(ସ୍ୱ.ପ୍ର.)

ସ୍ଥାନୀୟ ଘଡ଼ଘଡ଼ି ମନ୍ଦିର ପରିସରରେ ପାକ୍ଷିକ ପତ୍ରିକା ସକାଳ ପ୍ରଭାର ସ୍ୱନକ୍ଷତ୍ର ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଧୀରେନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅତିରିକ୍ତ ବିଡିଓ ଭାଗବତ ନାୟକ ଯୋଗଦେଇ ପତ୍ରିକାର ସମ୍ପାଦକ ଲକ୍ଷ୍ମୀଧର ଯେନାଙ୍କ ବଳିଷ୍ଠ ଉଦ୍ୟମକୁ ପ୍ରଶଂସା କରିବା ସହ ଭବିଷ୍ୟତର ସଫଳତା କାମନା କରିଥିଲେ। ଏହି ଅବସରରେ ଖବରଦାତା ଜ୍ଞାନ ରଞ୍ଜନ ମିଶ୍ର ଓ ସଞ୍ଜୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାହିତ୍ୟିକ ସନ୍ତୋଷ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ପ୍ରଦୂଷିତ ହେଉଛି ବୈତରଣୀ ଜଳ

- କାମରେ ଆସୁନି ଡମ୍ପିଂୟାର୍ଡ
- ଖାଲି ପଡିଛି କମ୍ପୋଷ୍ଟିଂ ୟୁନିଟ୍
- ନଦୀ ପଠାରେ ଭର୍ତ୍ତି ଆବର୍ଜନା

ଆନନ୍ଦପୁର, ୪।୭(ସ୍ୱ.ପ୍ର.)-

ଆନନ୍ଦପୁର ପୌରପାଳିକାର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ସୁଧାର ଆସୁନି। ଶାଳପଡାଠାରେ ଥିବା ଡମ୍ପିଂୟାର୍ଡ଼ରେ ଅଳିଆ ଆବର୍ଜନା ନପଡି ସେଠାରେ ବୃକ୍ଷଲତା ଉଠିବାକୁ ବସିଲାଣି। ପୌରଅଧିକାରୀ ଶାଳପଡା ଡମ୍ପିଂୟାର୍ଡ ତ୍ରୁଟପୂର୍ଣ୍ଣ ନିର୍ମାଣ ହୋଇଥିବା ଏବଂ ଏହା ରକ୍ଷୀତ ଜଙ୍ଗଲ ଥିବା କହିବା ସହିତ ଅନ୍ୟତ୍ର ଏହାକୁ ସ୍ଥାନାନ୍ତର କରିବାକୁ କହୁଥିବାବେଳେ ବୈତରଣୀ ନଦୀ ପଠାରେ କୁଢ କୁଢ ଅଳିଆ ଆବର୍ଜନା ଢଳାଯାଉଛି। ଫଳରେ ଏହି ଅଳିଆ ଆବର୍ଜନା ବୈତରଣୀ ନଦୀ ଜଳରେ ମିଶି ପ୍ରଦୂଷିତ ହେବାର ଆଶଙ୍କା ବୃଦ୍ଧି ପାଇଛି। ମୌସୁମୀର ଆଗମନରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାକୁ ଥିବାବେଳେ ଏହି ଅଳିଆ ଆବର୍ଜନା ସବୁ ସିଧାସଳଖ ଜଳରେ ମିଶିବା ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପୌରପରିଷଦ ପକ୍ଷରୁ କାଟାଗୋରୀ ଓାଇଜ୍ ଅଳିଆ ଆବର୍ଜନା ଡମ୍ପିଂ କରିବା ପାଇଁ କମ୍ପୋଷ୍ଟିଂ ୟୁନିଟ୍ ଖୋଲାଯାଇଥିବାବେଳେ ଏଗୁଡିକ ବ୍ୟବହାର ହେଉ ନ ଥିବା ଦୃଷ୍ଟିକୁ ଆସିଛି। ପୌର ଅଧିକାରୀ ସବୁ କାର୍ଯ୍ୟ ଠିକ୍ ହେଉଥିବା ସଫେଇ ଦେଉଥିବାବେଳେ ପ୍ରକୃତପକ୍ଷେ ଠିକାଦାର କିଭଳି କାର୍ଯ୍ୟ କରୁଛନ୍ତି ତାହାର ତଦନ୍ତର ଆବଶ୍ୟକତା ରହିଛି। କିଛି ଦିନ ପୂର୍ବେ ଆମ ପ୍ରତିନିଧି ରିଙ୍ଗ ରୋଡ କଡ଼ରେ ପଡିରହିଥିବା କୁଢ କୁଢ ଆଳିଆ ଆବର୍ଜନା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲୁ ହେଲେ ଅଧିକାରୀ ଘଟଣାକୁ ଅସ୍ୱୀକାର କରିବା ସହିତ ଅଳିଆ କିଏ ପକାଉଛି ତାହାର ପ୍ରମାଣ ଦିଅ ବୋଲି ଖୋଜିଥିଲେ। ଯଦି ପୌରପରିଷଦ ପକ୍ଷରୁ ଅଳିଆ ଆବର୍ଜନା ସବୁ ପକାଯାଉନି ତେବେ ଟ୍ରିପ୍ ଟ୍ରିପ୍ ଅଳିଆ ରିଙ୍ଗ ରୋଡ ପଡିଲା କେମିତି ତାହା ତଦନ୍ତ ସାପେକ୍ଷ।



ଆବର୍ଜନାରେ ପରିପୂର୍ଣ୍ଣ ବୈତରଣୀ ନଦୀ କୂଳ।

# ମରାମତି ହେଉନି ବନ୍ତ-ଆଗରପଡ଼ା ରାସ୍ତା

**ବନ୍ତ, ୪।୭ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକର ମୁଖ୍ୟରାସ୍ତା ବନ୍ତ-ଆଗରପଡ଼ା ବିକେବିଏମ୍‌ର ଅବସ୍ଥା ଦିନକୁ ଦିନ ବେହାଲ ହୋଇପଡୁଛି। ମରାମତି ଅଭାବରୁ ରାସ୍ତା ସାରା ଖାଲଖମା ସୃଷ୍ଟି ହେଲାଣି। ଏହି ରାସ୍ତାର ଆଡ଼ିଆଠାରୁ ବନ୍ତ ପର୍ଯ୍ୟନ୍ତ ୯ କି.ମି. ରାସ୍ତାରୁ ପିଚୁ ଉଠିଯାଇ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅସରାଏ ବର୍ଷାରେ ରାସ୍ତାରେ ହୋଇଥିବା ଖାଲଖମାରେ ପାଣି ଜମି ରହି ପୋଖରୀ ଭଳି ଦେଖାଯାଉଛି। ଏହି ରାସ୍ତାରେ ପ୍ରତ୍ୟହ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ଯାତାୟାତ କରିଥାନ୍ତି। ନିକଟରେ ସରିଥିବା ନିର୍ବାଚନ ବେଳେ ନେତାମାନେ ଏହି ରାସ୍ତା ଦେଇ ପ୍ରଚାର କରିଥିଲେ। କିନ୍ତୁ ରାସ୍ତା ନିର୍ମାଣ କିମ୍ବା ମରାମତି ପାଇଁ କାହାରି ଆନ୍ତରିକତା ନ ଥିବା କୁହାଯାଉଛି। ବନ୍ତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦପ୍ତର ଥିବାରୁ ପ୍ରତ୍ୟେକ ଦିନ ଆଗରପଡ଼ା ଅଞ୍ଚଳରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଏଠାକୁ ଆସିବା ପାଇଁ ଏହି ଏକମାତ୍ର ରାସ୍ତା ଉପରେ ନିର୍ଭର କରନ୍ତି। ୩ଟି ଯାତ୍ରୀବାହୀ ବସ୍ ସାଙ୍ଗକୁ ଶହ ଶହ ଗାଡ଼ିମୋଟର ଯାତାୟାତ କରୁଥିବା ବେଳେ ଦୀର୍ଘଦିନ ଧରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିଲେ ବି ବର୍ଷାଦିନ ପୂର୍ବରୁ ମରାମତି କରାଗଲା ନାହିଁ। ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡ଼ିବ ବୋଲି କହି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ବିଭିନ୍ନ ସଙ୍ଗଠନ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।



ବନ୍ତ-ଆଗରପଡ଼ା ରାସ୍ତାରେ ଖାଲଖମା ଭର୍ତ୍ତି।

# ବାମେବାରି-ବାଂଶପାଣି ରାସ୍ତା ମରଣଯନ୍ତା

## ଜିଲାପାଳଙ୍କ ନିକଟରେ ଅଭିଯୋଗ

ଯୋଡ଼ା,୪।୭(ଡି.ଏନ.ଏ.)-

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ବାଂଶପାଣି -ବାମେବାରି ରାସ୍ତା ମରଣଯନ୍ତା ପାଲଟିଛି। ଦୈନିକ ହଜାର ହଜାର ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ ଓ ଡମ୍ପର ଦ୍ୱାରା ପରିବହନ ହେଉଥିଲେ ହେଁ ଖଣି କମ୍ପାନୀମାନେ କୋଟି କୋଟି ଟଙ୍କାର ମୁନାଫା କମାଉଥିବା ବେଳେ ଖଣି ଅଞ୍ଚଳର ରାସ୍ତାଘାଟର ଉନ୍ନତି ପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜରୋଳି ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଖଣି ଅଞ୍ଚଳର ଏହି ରାସ୍ତା ହେଉଛି ସବୁଠାରୁ ବ୍ୟସ୍ତବହୁଳ ରାସ୍ତା। ଉକ୍ତ ରାସ୍ତାର ନିର୍ମାଣ ପାଇଁ ଡିଏମ୍ଏଫ ଅର୍ଥ ବିୟୋଗରେ ଗତ ୨ ବର୍ଷ ହେବ ଏକ ଠିକାସଂସ୍ଥାକୁ ଦିଆଯାଇଛି । ମାତ୍ର ଠିକାସଂସ୍ଥାର ମନ୍ଥର କାର୍ଯ୍ୟ ଦ୍ୱାରା ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହା କେବେ ସରିବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ରାସ୍ତା ନିର୍ମାଣ ବିଳମ୍ବ ହେତୁ ଟ୍ରାଫିକ ସମସ୍ୟା ଗୁରୁତର ଅବସ୍ଥା ସୃଷ୍ଟି ହୋଇଛି। ଉକ୍ତ ରାସ୍ତାରେ ପ୍ରତିଦିନ ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ ଏହାର ସ୍ଥାୟିତ୍ୱ ପାଇଁ ଜୁରୁଡି ହାଟପଦାଠାରୁ କ୍ରେଟ୍ ହଟିଂ ପର୍ଯ୍ୟନ୍ତ ଦୁଇ ଫୁଟ ଗଭୀରରେ ମାଟି ଖୋଳି କଂକ୍ରିଟ ରାସ୍ତା ନିର୍ମାଣ କରାଗଲେ ଏହି ରାସ୍ତା ଦୀର୍ଘସ୍ଥାୟୀ ହୁଅନ୍ତା। ଜୁରୁଡି ଛକଠାରେ ଏକ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଗଲେ ଟ୍ରାଫିକ ସମାଧାନ ହେବା ସହ ଦୁର୍ଘଟଣାକୁ ମଧ୍ୟ ରୋକାଯାଇପାରନ୍ତା। ତେଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଏହାର ପୁନରୁଦ୍ଧାର କରିବା ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଜନ ଆନ୍ଦୋଳନ କରାଯିବ ବୋଲି ଜଲହରିର ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ବରିଷ୍ଠ ନାଗରିକ ସୁରେନ୍ଦ୍ର ନାଥ ମହାନ୍ତି ପ୍ରକାଶ କରିଛନ୍ତି।


ପହଣ୍ଡିରେ ଜଗନ୍ନାଥଙ୍କୁ ରଥ ଉପରକୁ ନିଆଯାଉଛି ।


କୋର୍ଟପେଟାରେ ବଳଭଦ୍ରଙ୍କ ରଥକୁ ଭକ୍ତମାନେ ଟାଣୁଛନ୍ତି ।


ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ।


ପାର୍ଶ୍ୱ ଦେବତାଙ୍କୁ ରଥକୁ ନିଆଯାଉଛି ।


କୋର୍ଟପେଟା ଠାରେ ଯୁବତୀମାନେ ରଥ ସହ ସେଲ୍‌ଫି ନେଉଛନ୍ତି ।


ଭକ୍ତଙ୍କୁ ପଣା ବଣ୍ଟନ କରାଯାଉଛି ।

# ରେଶମ ନଗରୀରେ ଘୋଷଯାତ୍ରା

- ବଡ଼ବଜାରରେ ୩ ରଥରେ ଛେରାପହଁରା କଲେ ମହୁରିରାଜା
- ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା
- ଘଣ୍ଟ, ମୃଦଙ୍ଗ ବାଦ୍ୟରେ ଦୁଲୁକିଲା ରେଶମନଗରୀ

ବ୍ରହ୍ମପୁର ଅଫିସ,୪।୭

ରଥାରୂଢ ହୋଇଛନ୍ତି ତିନିଠାକୁର । ଚତୁର୍ଦ୍ଧାମୂର୍ତ୍ତି ନିଜସ୍ୱ ଶ୍ରୀମନ୍ଦିରରୁ ଆଡପ ମଣ୍ଡପକୁ ଯାତ୍ରା କରିଛନ୍ତି । ଗୁରୁବାର ଅନୁଷ୍ଠିତ ବଡଠାକୁରଙ୍କ ଏହି ପାରମ୍ପରିକ ଘୋଷଯାତ୍ରାକୁ ନେଇ ଉତ୍ସବ ମୁଖର ହୋଇଉଠିଛି ରେଶମନଗରୀ ବ୍ରହ୍ମପୁର। ଘଣ୍ଟବାଦ୍ୟ, ମୃଦଙ୍ଗ, ଖୋଳ, ବାଦ୍ୟ ବାଜଣା, ମହୁରି ଧ୍ୱନିରେ ସହରର ପ୍ରତ୍ୟେକ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ଭୋରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ସୂର୍ଯ୍ୟଆଳତି, ଦ୍ୱାରପାଳ ପୂଜା କରାଯାଇଥିଲା। ରଥପ୍ରତିଷ୍ଠା ପରେ ତିନିଠାକୁରଙ୍କୁ ଧାଡିପହଣ୍ଡିରେ ରଥାରୁଢ କରାଯାଇଥିଲା। ବଡ ବଜାର ଅଞ୍ଚଳର ଖାସ୍ୱାସାହିର ସର୍ବପୁରାତନ ବଡ ଜଗନ୍ନାଥ, ସାନ ଜଗନ୍ନାଥଙ୍କ ରଥକୁ ମହୁରିରାଜା ଅଶୋକ କୁମାର ନରେନ୍ଦ୍ର ଦେବ ପାରମ୍ପରିକ ରୀତିରେ ଛୋରା ପହଁରା କରିଥିଲେ। ଛେରାପହଁରା ବେଳେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପରେ ରାଜା ପୁରୁଣାବ୍ରହ୍ମପୁର ଅଞ୍ଚଳର ଡାଇମଣ୍ଡ ଟ୍ୟାଙ୍କରୋଡ ପାତାଳେଶ୍ୱର ଜଗନ୍ନାଥ ମନ୍ଦିରର ରଥରେ ଛେରାପହଁରା କରିଥିଲେ। ଏହାପରେ ଅପରାହ୍ନରେ ଲକ୍ଷାଧିକ ଭକ୍ତଙ୍କ ଗହଣରେ ରଥଟଣା ହୋଇଥିଲା। ସହରର ବଡବଜାର ଓ ପୁରୁଣାବ୍ରହ୍ମପୁର ଅଞ୍ଚଳର ଖାସ୍ୱା ସାହିର ବଡ ଜଗନ୍ନାଥ, ସାନ ଜଗନ୍ନାଥ, ପାତାଳେଶ୍ୱର, ତ୍ରିମୂର୍ତ୍ତି ଠାକୁରଙ୍କ ରଥ ସନ୍ଧ୍ୟାରେ ହନୁବଜାର ଛକସ୍ଥିତ ବିଭିନ୍ନ ଆଡପ ମଣ୍ଡପ ନିକଟରେ ପହଞ୍ଚିଥିଲା। ରଥରେ ଠାକୁରଙ୍କ ଆଳତି ଓ ଭୋଗଲାଗି କରାଯିବା ପରେ ଠାକୁରଙ୍କୁ ଧାଡି ପହଣ୍ଡିରେ ଆଡପମଣ୍ଡପକୁ ବିଜେ କରାଯାଇଥିଲା। ସେହିପରି କୋର୍ଟପେଟା, ଗୋଷାଣୀନୂଆଗାଁ, ଗୋଇଲୁଣ୍ଡି, ବିଜିପୁର, ଉତ୍କଳ ଆଶ୍ରମ ରୋଡ, ଆଙ୍କୁଲି, ଶିଳ୍ପାଞ୍ଚଳ ଛକ ସମେତ ବିଭିନ୍ନ ଅଞ୍ଚଳରେ ମଧ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋର୍ଟପେଟାରେ ମନ୍ଦିର ପରିଚାଳନା କମିଟି ସଭାପତି ଡା. ଜଗନ୍ନାଥ ସୁବୁଦ୍ଧି ଛେରାପହଁରା କାର୍ଯ୍ୟ କରିବା ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ତେବେ ଶାନ୍ତିଶୃଙ୍ଖଳାର ସହ ସହରର ବିଭିନ୍ନ ଅଞ୍ଚଳରେ ତିନିଠାକୁରଙ୍କ ଘୋଷଯାତ୍ରା ସମ୍ପନ୍ନ ହୋଇଥିବା ବେଳେ ସନ୍ଧ୍ୟାରେ ରଥାରୂଢ ଠାକୁରଙ୍କ ଦର୍ଶନ ପାଇଁ ରଥ ନିକଟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସହରର ଆଖପାଖ ଭୈରବୀ, ନିମଖଣ୍ଡି, ଅଞ୍ଚଳରେ ମଧ ଅପରାହ୍ନରେ ରଥଟଣା ଅନୁଷ୍ଠିତ ହୋଇଥିଲା । ଗୋଇଲୁଣ୍ଡିରେ ଚଳିତବର୍ଷ ୨୬ତମ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ଗୋଷାଣୀନୂଆଗାଁରେ ଅନୁଷ୍ଠିତ ଘୋଷଯାତ୍ରାରେ ଶହୀଦ ଲକ୍ଷ୍ମଣ ନାୟକ ସ୍ମାରକୀ ପୌର ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ରଥଟଣା ବେଳେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିଥିବା ଦେଖିବାକୁ ମିଳିଥିଲା। ରଥଟଣା ବେଳେ ବେଶ ଆକର୍ଷଣ କରିଥିଲା କୁନି ଶିଶୁଙ୍କ ଦ୍ୱାରା ନିର୍ମିତ ଛୋଟ ରଥ ।


ମହିଳା ଭକ୍ତମାନେ ସୁଭଦ୍ରାଙ୍କ ରଥ ଟାଣୁଛନ୍ତି ।


ରଥ ଉପରେ ଛେରା ପହଁରା ।


ଲୋଚାପଡ଼ାରେ କୁନି ରଥରେ ବଡ଼ ଠାକୁର ।


ଖାସ୍ୱାସାହି ବଡ଼ ଜଗନ୍ନାଥ ମନ୍ଦିରରେ ପହଣ୍ଡି ।

# ବ୍ରହ୍ମପୁରରେ ଖୋଲିଲା ଦୁଗ୍ଧ ଏଟିଏମ୍

- ୧ ଲିଟର୍‌କୁ ୪୦ଟଙ୍କା
- ଆଉ ୯ ଜାଗାରେ ଖୋଲିବ

ବ୍ରହ୍ମପୁର ଅଫିସ୍,୪।୭

ଗଞ୍ଜାମ -ଗଜପତି ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ପକ୍ଷରୁ ରାଜ୍ୟର ପ୍ରଥମ ଦୁଗ୍ଧ ବିଶୋଧିତ ଏବଂ ଭିଟାମିନ୍ ମିଶ୍ରିତ ଏଟିଏମ୍ ଗୁରୁବାର ବ୍ରହ୍ମପୁର ଗେଟ୍‌ବଜାର ନିକଟସ୍ଥ ସଂଘ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଇତ୍ୟବସରରେ ସଂଘ ସଭାପତି ରଜନୀକାନ୍ତ ମଣ୍ଡଳ, ଟାଟା ଷ୍ଟିଲ ସିଏସ୍‌ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ରାଷ୍ଟ୍ରୀୟ ଗୋ-ବିକାଶ ବୋର୍ଡ଼ ରାଜ୍ୟ ସମନ୍ୱୟକାରୀ ଧନରାଜ କ୍ଷେତ୍ରୀ, ଟାଟା ଷ୍ଟିଲ୍ ରୁରାଲ୍ ଡେଭଲପମେଣ୍ଟ ସୋସାଇଟି ମୁଖ୍ୟ ରକି ମାର୍ଟିନ୍ ଏବଂ ସଂଘ ସାଧାରଣ ପରିଚାଳକ ଦିଲୀପ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ ।

ସଂଘ ସାଧାରଣ ପରିଚାଳକ ଦିଲୀପ କୁମାର ପଟ୍ଟନାୟକ କହିଛନ୍ତି, ଗତ କିଛି ମାସ ହେଲା ସଂଘ ଆର୍ଥିକ ଅବସ୍ଥା ଭଲ ନାହିଁ । ଚାଷୀମାନଙ୍କୁ ଦୁଗ୍ଧ ପାଉଣା ଦିଆଯାଉ ପାରୁନି । ଏଣୁ ଏହି ଏଟିଏମ୍ ଖୋଲାଯାଇଛି । ଚାଷୀଙ୍କଠାରୁ କିଣାଯାଉଥିବା କ୍ଷୀରକୁ ବିଶୁଦ୍ଧୀକରଣ ସହ ସେଥିରେ ଭିଟାମିନ୍-ଏ ଏବଂ ଭିଟାମିନ୍-ଡି ମିଶାଇ ବିକ୍ରି କରାଯିବ। ଲିଟର୍ ପିଚ୍ଛା ଦର ରଖାଯାଇଛି ୪୦ଟଙ୍କା। ଜଣେ ଗ୍ରାହକ ମେଶିନ୍‌ରେ ଟଙ୍କା ପକାଇ କ୍ଷୀର କିଣିପାରିବେ। ଅତି କମ୍‌ରେ ୨୫୦ଏମ୍‌ଏଲ୍ ଏବଂ ଅତି ବେଶିରେ ୫ଲିଟର କ୍ଷୀର ଜଣେ ଗ୍ରାହକ ମେଶିନ୍‌ରୁ କିଣିପାରିବେ। ଲାଭର କେତେକ ଅଂଶ ଚାଷୀମାନଙ୍କୁ ପ୍ରଦାନ କରାଯିବ। ସଂଘରେ ଅନୁବନ୍ଧିତ ସମିତିର ନିୟମିତ ଦୁଗ୍ଧ ଚାଷୀ ଏବଂ ଦୁଗ୍ଧ ସମିତି ସମ୍ପାଦକମାନଙ୍କୁ ପ୍ରୋତ୍ସାହିତ କରାଯିବ । ଗ୍ରାହକଙ୍କ ଚାହିଦାକୁ ଦେଖି ଚଳିତ ବର୍ଷ ସହରରେ ଆଉ ୪ ମେଶିନ୍ ଏବଂ ଆସନ୍ତା ବର୍ଷରେ ଆଉ ୫ଟି ମେଶିନ୍ ଖୋଲାଯିବ । ଜାଗା ଚିହ୍ନଟ ପ୍ରକ୍ରିୟା ଚାଲିଛି । ରାଜ୍ୟରେ ଏହା ପ୍ରଥମ ଦୁଗ୍ଧ ଏଟିଏମ୍, ଯେଉଁଠି ବିଶୋଧିତ ଏବଂ ଭିଟାମିନ୍ ମିଶା ଦୁଗ୍ଧ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି ।

ଜିଲାପାଳ କୁଲାଙ୍ଗେ କହିଥିଲେ, ଦୁଗ୍ଧ ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହା ବେଶ୍ ଫଳପ୍ରଦ ହେବ। ଆସନ୍ତା ଦିନଗୁଡ଼ିକରେ ମେଡ଼ିକାଲ୍‌ରେ ଏବଂ ଅନ୍ୟାନ୍ୟ ଜାଗାରେ ମଧ୍ୟ ଦୁଗ୍ଧ ଏଟିଏମ୍ ଖୋଲାଯିବ। ଏହା ଦ୍ୱାରା ଉଭୟ ଗ୍ରାହକ ଏବଂ ଚାଷୀମାନେ ଲାଭବାନ୍ ହୋଇପାରିବେ। ପକେଟ୍ କ୍ଷୀରରେ ପଲିଥିନ୍ ବ୍ୟବହାର ହେଉଥିବା ବେଳେ ଏହି ମେଶିନ୍‌ରେ ପଲିଥିନ୍‌ର ଆବଶ୍ୟକତା ନାହିଁ । ଜିଲା ପ୍ରଶାସନ ପକ୍ଷରୁ ପଲିଥିନ୍ ବିରୋଧରେ ଚାଲିଥିବା ଅଭିଯାନରେ ଏହା ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଅବିଭକ୍ତ ଗଞ୍ଜାମ ଜିଲା ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ୧୯୭୬ ଏପ୍ରିଲ୍ ୧୭ତାରିଖରେ ଆରମ୍ଭ ହୋଇଥିଲା। ଜିଲା ବିଭକ୍ତୀକରଣ ପରେ ୧୯୯୪ରେ ଏହାର ନାମ ପରିବର୍ତ୍ତନ କରାଯାଇ ବୃହତ୍ତର ଗଞ୍ଜାମ -ଗଜପତି ସମବାୟ ଦୁଗ୍ଧ ସଂଘ ନାମରେ ପଞ୍ଜୀକୃତ କରାଯାଇଛି । ରାଜ୍ୟସ୍ତରରେ ଏହା ଓମ୍‌ଫେଡ୍ ସହ ଅନୁବନ୍ଧିତ । ଗ୍ରାମ୍ୟସ୍ତରରେ ଦୁଗ୍ଧ ସମିତି ଜରିଆରେ ଦୁଇଟି ଜିଲାର ଚାଷୀଙ୍କଠାରୁ ଦୁଗ୍ଧ କିଣାଯାଉଛି । ବର୍ତ୍ତମାନ ଏହି ସଂଘ ୨୧୨ଟି ଦୁଗ୍ଧ ସମିତିର ୭୧୯୧ଜଣ ଚାଷୀ ସଭ୍ୟ ଅଛନ୍ତି । ଦୈନିକ ପ୍ରାୟ ୧୮ହଜାର ଲିଟର ଦୁଗ୍ଧ ୨୫ଟି କ୍ଷୁଦ୍ର ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଜରିଆରେ ସଂଗ୍ରହ କରାଯାଉଛି ।


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଦୁଗ୍ଧ ଏଟିଏମ୍‌କୁ ଉଦ୍‌ଘାଟନ କରୁଛନ୍ତି । ନିକଟରେ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

# ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ଗଠିତ


ସଂଘର ନୂତନ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୪।୭

ସ୍ଥାନୀୟ ପ୍ରକାଶ ମହଲରେ ଆୟୋଜିତ ପଞ୍ଚ ଦିବସୀୟ ପ୍ରଥମ ପୌରାଣିକ ନାଟକ ପ୍ରତିଯୋଗିତା ଉତ୍ସବ ଅବସରରେ କଳାକାରଙ୍କ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ନାଁରେ ଏକ ନୂତନ ସଂଘ ଗଠିତ ହୋଇଯାଇଛି। ଆବାହକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଂଘ ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା । କଳାକାରଙ୍କ ସମସ୍ୟାର ସମାଧାନ ଓ କଲ୍ୟାଣ ସାଧନ ସଂଘର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରାଯାଇଥିଲା। ଏହାପରେ ସଂଘ କର୍ମକର୍ତ୍ତା ଚୟନ ହୋଇଥିଲା । ସୁବାସ ଚନ୍ଦ୍ର ସାହୁ ସଭାପତି, ସୁବାସ ଚନ୍ଦ୍ର ସାହୁ ରୋଶନ ସମ୍ପାଦକ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ କୋଷାଧ୍ୟକ୍ଷ, ମଦନ ମିଶ୍ର ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। କିଶୋର କପୁର, ଜୟନ୍ତୀ ମିଶ୍ର, ସୂର୍ଯ୍ୟନାରାୟଣ ମହାରଣା ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ ହୋଇଥିଲେ ।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୪।୭

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ବ୍ରହ୍ମପୁର ଗୋସାଣୀନୂଆଗାଁ ଗୁଣ୍ଡିଚା ମଣ୍ଡପ ନିକଟରେ ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇଛି । ଶିଶୁ ବାର୍ତ୍ତା ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶ ମହୋତ୍ସବ ୮ ଦିନ ଧରି ଚାଲିବ । ଶିଶୁ କଳାକାର ରାଜ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ । ଗଞ୍ଜାମ ଜିଲାର ୩୦ କଳାନୁଷ୍ଠାନ ସମେତ ରାଜ୍ୟର ବିଭିନ୍ନ ସ୍ଥାନର ଶିଶୁ କଳାକାରମାନେ ଏଥିରେ ଯୋଗଦେଇ ବିଭିନ୍ନ ଦିବସ ସନ୍ଧ୍ୟାରେ ନୃତ୍ୟ, ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟତଃ ଓଡ଼ିଶୀ, ମାହାରି ନୃତ୍ୟ, ଦେବେଦାସୀ ନୃତ୍ୟ ଓ ବାଦ୍ୟ ପରିବେଷଣ କରି ପ୍ରଥମ ଦିନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଜିଲା ସଂସ୍କୃତି ବିଭାଗ ସହଯୋଗ କରୁଥିବା ଶିଶୁ ବାର୍ତ୍ତା ସମ୍ପାଦକ ମାନସ ଦାସ ସୂଚାଇଛନ୍ତି । ବିଭିନ୍ନ ସନ୍ଧ୍ୟାରେ ପାରିଦର୍ଶିତା ଅର୍ଜନ କରିଥିବା ଶିଶୁ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଘୋଷଯାତ୍ରାର ପରମ୍ପରାକୁ ଆଧାର କରି ଏହି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବା କୁହାଯାଇଛି ।


ବ୍ରହ୍ମପୁର ଇନରହ୍ୱିଲ କ୍ଲବ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ସଦସ୍ୟାମାନେ ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।ସ୍ଥାନ-ଗୋସାଣୀନୂଆଗାଁ ଗୁଣ୍ଡିଚା ମନ୍ଦିର।ସମୟ-ସନ୍ଧ୍ୟା ୬ଟା ।
- ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ। ସ୍ଥାନ-ଶୁଭମ୍ ସେଲିବ୍ରେଶନ୍। ସମୟ-ସନ୍ଧ୍ୟା ୬ଟା ।

